୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.75 Bhubaneswar Tuesday April 29 2025 ୨୭ତମ ବର୍ଷ ସଂଖ୍ୟା–୭୫ ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ ୨୯, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




ନୂଆଦିଲ୍ଲୀର ହଜଖସସ୍ଥିତ ଜଗନ୍ନାଥ ମନ୍ଦିର ସଭାଗୃହରେ ଅନୁଷ୍ଠିତ ନିର୍ବାଚନରେ ସର୍ବସମ୍ମତିକ୍ରମେ ନିର୍ବାଚିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡକ୍ଟର ପବିତ୍ରମୋହନ ସାମନ୍ତରାୟ, ମହାସଚିବ ବି.ଏସ. ଦେଶପାଣ୍ଡେ, ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ବିରେନ୍ଦ୍ର ସାହିନୀ ଓ ନବନିର୍ବାଚିତ ରାଷ୍ଟ୍ରୀୟ ପଦାଧିକାରୀ ଓ ପ୍ରତିଷ୍ଠାତା ସଦସ୍ୟ ତଥା ନିର୍ବାଚନା ପରିଚାଳନା ଅଧିକାରୀ ଶ୍ରୀ ଶିବ ପ୍ରକାଶ ଓ କେ. ସଞ୍ଜିବଙ୍କ ଗହଣରେ

# ଓଏସଏସସି ପରୀକ୍ଷାରେ ବ୍ୟାପକ ତ୍ରୁଟି: ୧୫୦ ମାର୍କରୁ ସିଲାବସ ବାହାରୁ ଆସିଛି ୧୨୦ ମାର୍କ, କମିଶନ କାର୍ଯ୍ୟାଳୟ ବାହାରେ ହୋହଲ୍ଲା




ଭୁବନେଶ୍ୱର,୨୮।୪(ପି.ଏନ): କେତେବେଳେ ପ୍ରଶ୍ନପତ୍ର ଲିକ, କେତେବେଳେ ପରୀକ୍ଷା ସ୍ଥଗିତ । ଆଉ କେତେବେଳେ ବର୍ଷ ବର୍ଷ ଧରି ପ୍ରମୁଖ ପରୀକ୍ଷାର ଫଳ ବାହାରୁନି । ଏବେ ଝଂଝଉ ପରୀକ୍ଷା ସିଲାବସ ବାହାରୁ ଆସିଛି ପ୍ରଶ୍ନ । ଏବେ ରାଜ୍ୟରେ ପ୍ରତିଯୋଗିତାମୂଳକ ପରୀକ୍ଷାର ସ୍ଥିତି ଏମିତି । ଏହାକୁ ନେଇ ଓଡିଶା ଷ୍ଟାଫ ସିଲେକ୍ସନ କମିଶନ ଅଫିସ ସମ୍ମୁଖରେ ପୋଲିସ ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି । ୧୫୦ ମାର୍କ ପରୀକ୍ଷାରୁ ସିଲାବସ ବାହାରୁ ୧୨୦ ମାର୍କ ପ୍ରଶ୍ନ ଆସିଥିଲା । ଯାହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖା ଦେଇଥିଲା । ସବୁ ମହଲରୁ ଏହାକୁ ନିନ୍ଦା କରାଯାଇଛି । ଏଭଳି ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କହିବା କଥା ପରୀକ୍ଷା କ୍ଷେତ୍ରରେ ଦୀର୍ଘ ଦିନ ଧରି ଯେଉଁ ମାଲଫଙ୍କସନିଙ୍ଗ ହେଉଥିଲା ତାହା ନୂଆ ଆଇନ ଦ୍ୱାରା କମ ହେବ । ବର୍ଷ ବର୍ଷ ପରିଶ୍ରମ କରୁଛନ୍ତି ପରୀକ୍ଷାର୍ଥୀ । ହେଲେ ପରୀକ୍ଷା ବେଳକୁ ମୁଗୁରା ମୁହଁ ମେଲା । ସିଲାବସ ବାହାରୁ ଆସୁଛି ପ୍ରଶ୍ନ । ପିଲାଙ୍କ ଭବିଷ୍ୟତ ସହ ଖେଳ । ଓପିଏସସି ଠାରୁ ଆରମ୍ଭ କରି ଓଏସଏସସି, ଓଟ୍ରିପଲ ଏସସି ଆଦି ପ୍ରମୁଖ ପ୍ରତିଯୋଗିତାମୂଳକ ପରୀକ୍ଷା ପରିଚାଳନା ସଂସ୍ଥା ବିରୋଧରେ ବ୍ୟାପକ ଅସନ୍ତୋଷ । ଆରଆଇ, ଅମିନ, ଏଆରଆଇ, ଫାର୍ମାସିଷ୍ଟ ଭଳି ପରୀକ୍ଷା ଫଳ ଓ ପରୀକ୍ଷାକୁ ନେଇ ପୂର୍ବରୁ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି । ଏବେ ଓଡିଶା ଷ୍ଟାଫ ସିଲେକ୍ସନ କମିଶନ ଦ୍ୱାରା କରାଯାଇଥିବା ଏସଆଇ ଟ୍ରାଫିକ, ଏକ୍ସାଇଜ ଏସଆଇ ପରୀକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଛି । ୧୫୦ ମାର୍କ ପରୀକ୍ଷାରୁ ସିଲାବସ ବାହାରୁ ୧୨୦ ମାର୍କ ପ୍ରଶ୍ନ ଆସିଥିବାରୁ କମିଶନ କାର୍ଯ୍ୟାଳୟରେ ହୋହାଲ୍ଲା କରିଛନ୍ତି ପରୀକ୍ଷାର୍ଥୀ । ସିଲାବସ ବାହାରୁ ପ୍ରଶ୍ନ ଆସିଛି ବୋଲି କମିଶନ ମାନିଥିଲେ ମଧ୍ୟ ଏହି ପରୀକ୍ଷାକୁ ନେଇ କ'ଣ ନିଷ୍ପତ୍ତି ନିଆଯିବ ତା'ର ସ୍ପଷ୍ଟତା ଚାହିଁଛନ୍ତି ଛାତ୍ରଛାତ୍ରୀ । ଏପରିକି ବିରୋଧ ବେଳେ ପରୀକ୍ଷାର୍ଥୀଙ୍କ ସହ ପୋଲିସର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରୀକ୍ଷାର୍ଥୀଙ୍କୁ ପୋଲିସ ଅଟକାଇବାରୁ ଏମିତି ସ୍ଥିତି ଉପୁଜିଥିଲା । କମିସନ ଅଧ୍ୟକ୍ଷଙ୍କୁ ଭେଟିବାକୁ ନ ଦେଇ ଗେଟ ବାହାରକୁ ତଡି ଦେଇଥିଲା ପୋଲିସ । ଯେଉଁଥି ପାଇଁ ପୋଲିସ ସହ ଯୁକ୍ତିତର୍କ ହୋଇଥିଲା । ଶେଷରେ ପରୀକ୍ଷାର୍ଥୀଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ କର୍ତ୍ତୃପକ୍ଷ ଭେଟିଥିଲେ ମଧ୍ୟ ଏହି ପରୀକ୍ଷାକୁ ନେଇ କୌଣସି ସ୍ପଷ୍ଟ ଉତ୍ତର ରଖି ନଥିବା ଅଭିଯୋଗ ହୋଇଛି ।ଆସନ୍ତା ଚାରି ତାରିଖରେ କମିଶନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଏହି ସମସ୍ୟା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି । କିନ୍ତୁ ପିଲାମାନେ ତୁରନ୍ତ ସିଲାବସ ଅନୁଯାୟୀ ପ୍ରଶ୍ନ ପ୍ରସ୍ତୁତ କରି ଆଉ ଥରେ ପରୀକ୍ଷା କରିବାକୁ ଦାବି କରିଛନ୍ତି । ସେପଟେ ପରୀକ୍ଷା ଜନିତ ତ୍ରୁଟିକୁ ନେଇ ସଂଗ୍ରାମ କରୁଥିବା ଛାତ୍ର ନେତାମାନେ ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଉନି ବୋଲି କହିଛନ୍ତି । ତେଣୁ ଆକାଉଣ୍ଟବିଲିଟି ଫିକ୍ସ ହେଉ ଓ କାର୍ଯ୍ୟାନୁଷ୍ଠାନ ନିଆଯାଉ । ନ ହେଲେ ବ୍ୟବସ୍ଥାରେ ପରିବର୍ତ୍ତନ ହେବ ନାହିଁ ବୋଲି କୁହାଯାଇଛି । ସେପଟେ ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କହିବା କଥା ବିଧାନସଭା ଅଧିବେସନରେ ଆଇନ ଆସିଛି । ଏହା ଯେତେ ପରିମାଣରେ କାର୍ଯ୍ୟକାରୀ ହେବ ପରୀକ୍ଷାଜନିତ ଦୁର୍ନୀତି ସେତେ କମିଯିବ ବୋଲି ସେ କହିଛନ୍ତି ।ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ ହେବା, ବିଭିନ୍ନ କମ୍ପିଟେଟିଭ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା, ପରୀକ୍ଷାକୁ ହଠାତ ସ୍ଥଗିତ କରାଯିବା ଓ କିଛି ପ୍ରମୁଖ ପରୀକ୍ଷା ଫଳକୁ ବର୍ଷ ବର୍ଷ ଧରି ପ୍ରକାଶ ନ କରିବାକୁ ନେଇ ସରକାରଙ୍କ ବିରୋଧରେ ଲଗାତର ବଡ଼ ବଡ଼ ଅଭିଯୋଗ ଆସୁଛି । ସାଧାରଣ ପରୀକ୍ଷା ହେଉ କିମ୍ବା ପ୍ରତିଯୋଗିତାମୂଳକ ପରୀକ୍ଷା ସବୁଥିରେ ଅନିୟମିତତା ଓ ଅରାଜକତା ଶୀର୍ଷରେ ପହଞ୍ଚିଛି । ଯାହାକୁ ନେଇ ଛାତ୍ରଛାତ୍ରୀ ମାନସିକ ଅବସାଦଗ୍ରସ୍ତ ହେଉଛନ୍ତି ।

# ବଦଳିବ କି ନବୀନଙ୍କ ଠିକଣା: ଚେତାଇଲେ ନେତା, ପାଣ୍ଡିଆନଙ୍କୁ ନେଇ ପୁଣି ପ୍ରାୟୋଜିତ ଗୁଜବ



ଭୁବନେଶ୍ୱର,୨୮।୪(ପି.ଏନ): ଖୁବଶୀଘ୍ର ବଦଳିପାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଠିକଣା । ଏଣିକି ଭୁବନେଶ୍ୱରର ନବୀନ ନିବାସ ଛାଡି ସ୍ଥାୟୀ ଭାବେ ସେ ଅଧିକ ସମୟ ନିଜ ଦିଲ୍ଲୀସ୍ଥିତ ବାସଭବନରେ ରହିବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି । ଏପଟେ ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନଙ୍କୁ ପୁଣିଥରେ ଚର୍ଚ୍ଚାରେ ରଖିବା ପାଇଁ ପ୍ରାୟୋଜିତ ଗୁଜବ ଆରମ୍ଭ ହୋଇଛି । ପାଣ୍ଡିଆନଙ୍କୁ 'ଖବର'ରେ ରଖିବା ପାଇଁ ସେ ଲଣ୍ଡନ ଯାଇଥିବା ନେଇ ଗୁଜବ ପ୍ରଚାରିତ ହେବାରେ ଲାଗିଛି, ଯଦିଓ ସେ ନିଜର ୩ଦିନିଆ ଦିଲ୍ଲୀ ଗସ୍ତରୁ ଫେରି ଏବେ ଭୁବନେଶ୍ୱରରେ ଥିବାର ସୂଚନା ମିଳିଛି । ଏପଟେ ପାଣ୍ଡିଆନ ଏବେବି ନିଜର ହାକିମାତି ଜାହିର କରୁଥିବାରୁ ନବୀନଙ୍କୁ ଦଳର ଆଗଧାଡିର ନେତାମାନେ ଭେଟି ବିଜେଡି ବିଭାଜନ ଆଡକୁ ଯାଉଥିବାର ଚେତାବନୀ ଦେଇଥିବା ଜଣାପଡିଛି । ନବୀନଙ୍କ ଘର ନବୀକରଣ କାର୍ଯ୍ୟ ଶେଷ ବିଜେଡି ସୂତ୍ର ଅନୁସାରେ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଏଣିକି ଭୁବନେଶ୍ୱରର ନବୀନ ନିବାସ ତୁଳନାରେ ଅଧିକ ସମୟ ନିଜ ଦିଲ୍ଲୀସ୍ଥିତ ବାସଭବନରେ ଅଧିକ ସମୟ ବିତାଇବେ । ତାଙ୍କର ପୈତୃକ ଘର ନୂଆଦିଲ୍ଲୀର ଡଃ ଅବଦୁଲ କଲାମ ମାର୍ଗସ୍ଥିତ 'କୋଠି ନମ୍ବର-୩'ର ଆଭ୍ୟନ୍ତରୀଣ ସାଜସଜ୍ଜା କାର୍ଯ୍ୟ ଶେଷ ସରିଛି । ପାଣ୍ଡିଆନଙ୍କ ତଦାରଖରେ ଏହି ଘରର ନବୀକରଣ କାର୍ଯ୍ୟ ହୋଇଥିବା ଜଣାପଡିଛି । ପ୍ରାୟ ୧୨ହଜାର ବର୍ଗଫୁଟ ଅଂଚଳରେ ଥିବା ଏହି କୋଠିରେ ୩୬୦୦ବର୍ଗଫୁଟର କୋଠା ଓ ଗାର୍ଡେନ ଆଦି ରହିଛି । ଗତ ୨-୩ମାସ ଧରି ଏହି କୋଠି(ଘର) ମରାମତି ଓ ନବୀକରଣ କାର୍ଯ୍ୟ ଚାଲିଥିଲା ।

## ପହଲଗାଁଓ ଆକ୍ରମଣ ଘଟଣାକୁ ନେଇ ପ୍ରଶ୍ନ ଉଠାଇଲେ ପିସିସି ସଭାପତି ଭକ୍ତଚରଣ ଦାସ

ଭୁବନେଶ୍ୱର,୨୮।୪(ପି.ଏନ): ପହଲଗାଁଓ ଆକ୍ରମଣ ଘଟଣାକୁ ନେଇ ପ୍ରଶ୍ନ ଉଠାଇଲେ ପିସିସି ସଭାପତି ଭକ୍ତଚରଣ ଦାସ । ଆତଙ୍କବାଦୀ ଭାରତ ଭୂମିରେ ହିନ୍ଦୁ ଶବ୍ଦ ବ୍ୟବହାର କରିବାକୁ ନେଇ ଉଠାଇଲେ ପ୍ରଶ୍ନ । ପଚାରିଲେ, ଆତଙ୍କାବଦୀ କାହିଁକି ହିନ୍ଦୁ ଶବ୍ଦ ବ୍ୟବହାର କଲେ ? କିଏ ଆତଙ୍କବାଦୀଙ୍କ ମୁହଁରେ ହିନ୍ଦୁ ଶବ୍ଦ କୁହାଇଲା ? ସେ ବ୍ୟକ୍ତି ଜଣକ କିଏ ବୋଲି ପ୍ରଶ୍ନ କରିଛନ୍ତି ଭକ୍ତ ଦାସ । ହିନ୍ଦୁ ଶବ୍ଦ ତାଙ୍କ ପାଟିରେ କୁହାଯାଇଛି ବୋଲି ସେ ଦାବି କରିଛନ୍ତି । ସେ କହିଛନ୍ତି ଆଗକୁ ଦୁଇଟି ରାଜ୍ୟରେ ନିର୍ବାଚନ ଅଛି । କେନ୍ଦ୍ର ସରକାର କ'ଣ ଡ୍ରାମା କରୁଛନ୍ତି କି ? ବିଜେପି ସରକାରଙ୍କ ସମୟରେ ଅନେକ ଘଟଣା ଘଟିଛି । ପାର୍ଲାମେଣ୍ଟ ଆଟାକ୍, ପୁଲଓ୍ୱାମା ଘଟଣା କାହା ସମୟରେ ହେଲା ? କଂଗ୍ରେସ ସମୟରେ କ'ଣ ହୋଇଛି ? ଇନ୍ଦିରାଙ୍କ ସମୟରେ ପୂରା ପାକିସ୍ତାନ ଘେରାଉ ହୋଇଥିଲା । ନିର୍ବାଚନ ପରେ କାହିଁକି ଫୋର୍ସକୁ ସମ୍ପୂର୍ଣ୍ଣ ଫେରାଇ ଆଣିଲେ ? ନେତା ଗଲା ବେଳକୁ ସିକ୍ୟୁରିଟି ମିଳୁଛି, ହେଲେ ଦୁଇ ହଜାର ଭାରତୀୟ ଲୋକଙ୍କ ଜୀବନର କିଛି ବି ମୂଲ୍ୟ ନାହିଁ ବୋଲି ଉଦବେଗ ପ୍ରକାଶ କରିଛନ୍ତି ପିସିସି ସଭାପତି ।ପାକିସ୍ତାନ ଓ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର । ଏଇଟାକୁ ହିନ୍ଦୁ ମୁସଲିମ ନ କରି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର । ପୁଲଓ୍ୱାମା ଘଟଣାରେ ଯବାନଙ୍କୁ ବଞ୍ଚାଇ ପାରିଲେ ନାହିଁ । ଆଉ ଆଜି ଲୋକଙ୍କୁ ବଞ୍ଚାଇ ପାରିଲେ ନାହିଁ । ନେହରୁଙ୍କୁ ଦୋଷ ଦେଲେ କ'ଣ ହେବ ? ଖାଲି ବାହାଦୁରୀ ମାରିଲେ ଚଳିବନି । ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ କାହିଁକି ପ୍ରଧାନମନ୍ତ୍ରୀ ଯାଇଥିଲେ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି । ଲୋକଙ୍କ ଜୀବନ ସହିତ ଖେଳି ରାଜନୀତି କରିବା ବନ୍ଦ କର । ହିନ୍ଦୁ କହିକି ଗୁଳି ମାରିଥିଲେ ତା'ହେଲେ କେମିତି ଜଣେ ମୁସଲମାନ ମଲେ ? ଆତଙ୍କବାଦୀଙ୍କର କୌଣସି ଜାତି ନଥାଏ । ହିନ୍ଦୁ ମୁସଲିମ କଥା କହି ଲୋକଙ୍କୁ ବିଭ୍ରାନ୍ତ କରିବାର ସମୟ ନୁହେଁ । ଭାରତ ପଛରେ ଛିଡା ହେବାର ସମୟ ଆସିଛି । ତ୍ରୁଟି ହୋଇଛି, ପୁଲଓ୍ୱାମା ପରେ ଦେଶରେ ଚର୍ଚ୍ଚା ହୋଇଥିଲା, ଦେଶବାସୀ ଜାଗି ଉଠିଥିଲେ ।

## ତୁଳିଙ୍ଗା କୋଇଲା ଖଣି ଭିତରେ ଦୁର୍ଘଟଣା, ବସ୍ ଓଲଟି ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୮।୪(ପି.ଏନ): ସୁନ୍ଦରଗଡ ତୁଳିଙ୍ଗା କୋଇଲା ଖଣି ଭିତରେ ଦୁର୍ଘଟଣା । ବସ୍ ଓଲଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ରୁ ଅଧିକ ଗୁରୁତର ହୋଇଛନ୍ତି । ସିଫ୍ଟ ଚେଞ୍ଜ ସମୟରେ ଅପରେଟର ମାନଙ୍କୁ ନେଇ ଯାଉଥିବାବେଳେ ଖଣି ଭିତରେ ଓଲଟିଲା ବସ୍ । ବସରେ ଥିଲେ ୩୦ରୁ ଅଧିକ ଅପରେଟର । ମୃତକ ଜଣକ ହେଲେ ପୁଡାପାଲି ଅଞ୍ଚଳର ନିତ୍ୟାନନ୍ଦ ପ୍ରଧାନ । ଗୁରୁତର ମାନଙ୍କୁ ବ୍ରଜରାଜନଗରର ଏକ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ସୂଚନା ମିଳିଛି । ଦୁର୍ଘଟଣା ପରେ ଏନଟିପିସି ତୁଳିଙ୍ଗା କମ୍ପାନୀ ବାହାରେ ଅପରେଟର ଓ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି ।

# ଓଡ଼ିଶାରେ କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ଭକ୍ତ ଖୋଜୁଛନ୍ତି ୫୦୦ ବିପ୍ଲବୀ




ଭୁବନେଶ୍ୱର,୨୮।୪(ପି.ଏନ): ଓଡ଼ିଶାରେ କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ନୂଆ ଫଣ୍ଡା ଆପଣାଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ପଦ, ପଦବୀରେ ନରହି ସଂଗଠନକୁ ମଜବୁତ କରିବାକୁ ୫ ଶହ ଉଚ୍ଚ ଶିକ୍ଷିତ ବିପ୍ଲବୀ ଖୋଜୁଛି ରାଜ୍ୟ କଂଗ୍ରେସ । ଦେଢ ମାସ ମଧ୍ୟରେ ୫ ଶହ ବିପ୍ଲବୀ ପ୍ରସ୍ତୁତ କରିବା ପରେ ଭକ୍ତ ଦାସ ଗଢିବେ ନିଜର ନୂଆ ଟିମ । ଏବେ କଂଗ୍ରେସ ଶିବିରରେ ସମର୍ପିତ ବିପ୍ଲବୀ ଖୋଜା ଅଭିଯାନ ଆରମ୍ଭ ହୋଇଛି ।ଆଗ ଲଢେଇ ପରେ ଟିମ । ଓଡିଶା କଂଗ୍ରେସ ଖୋଜୁଛି ସର୍ମପଣ ବ୍ୟକ୍ତିଙ୍କୁ । ପଦ ପଦବୀରେ ନରହି କଂଗ୍ରେସକୁ ତୃଣମୂଳ ସ୍ତରରୁ ରାଜ୍ୟସ୍ତର ଯାଏଁ ମଜବୁତ କରିବାକୁ ପିସିସି ସଭାପତଙ୍କୁ ଲୋଡା ପଡଛି ନୂଆ ବିପ୍ଲବୀ । ଦାୟିତ୍ୱ ନେବାକୁ ୨ ମାସ ପିସିସି ସଭାପତି ଓଡିଶା କଂଗ୍ରେସ ପାଇଁ ସର୍ମପିତ ଥିବା ୫ ଶହ ବିପ୍ଲବୀ ଖୋଜୁଛନ୍ତି । ଏନେଇ ଦଳ ପକ୍ଷରୁ ବାୟୋଡାଟା ସଂଗ୍ରହ କରାଯାଉଛି । ଦେଢମାସ ଭିତରେ ଦଳ ପ୍ରତି ଆନୁଗତ୍ୟ, ଉଚ୍ଚଶିକ୍ଷିତ ଓ ଉତ୍ସର୍ଗୀକୃତ ଥିବା ବ୍ୟକ୍ତିଙ୍କୁ ବିପ୍ଲବୀ ଭାବେ ଗ୍ରହଣ କରିବ ଦଳ । ଯେଉଁମାନେ କୌଣସି ପଦ ପଦବୀରେ ନରହି ମଧ୍ୟ ଦଳର ପ୍ରମୁଖ ଦାୟିତ୍ୱ ତୁଲାଇବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି । ୫ ଶହ ବିପ୍ଲବୀ ଜିଲ୍ଲା ସ୍ତରରେ ସଂଗଠନକୁ ମଜବୁତ କରିବା ସହ ଗୋଟିଏ ଲେଖାଏଁ ବିଧାନସଭା ଓ ଲୋକସଭା କ୍ଷେତ୍ରର ଦାୟିତ୍ୱ ନେବେ । ଏହାସହ ଦଳର ସମସ୍ତ ପ୍ରମୁଖ ଅଭିଯାନକୁ ସଫଳ କରିବାରେ ସେମାନେ ସାରଥି ସାଜିବେ ବୋଲି ସେ କହିଛନ୍ତି ।ଫେବୃୟାରୀ ୧୧ ତାରିଖରେ ପିସିସି ସଭାପତି ଭାବେ ଭକ୍ତ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି । ୨ ମାସ ପରେ ମଧ୍ୟ ପିସିସି ସଭାପତି ତାଙ୍କର ଟିମ ଗଠନ କରିପାରିନାହାନ୍ତି । ଭକ୍ତଙ୍କ ଟିମରେ କିଏ ଗୁରୁତ୍ୱ ପାଇବ ତାହାକୁ ନେଇ କଂଗ୍ରେସ ଅନ୍ଦର ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । ବରିଷ୍ଠ ଓ ଯୁବଙ୍କ ମଧ୍ୟରେ ସମନ୍ୱୟ ରଖି ପିସିସି ସଭାପତି ଟିମ ଗଢିବେ ବୋଲି ନେତାଏ କହିଛନ୍ତି । ଦଳର ବରିଷ୍ଠ ନେତା ତାରା ପ୍ରସାଦ ବାହୀନିପତି ଓ ସୁରେଶ ରାଉତରାୟଙ୍କ ମତ ହେଉଛି ପିସିସି ସଭାପତି ତାଙ୍କର ନୂଆ ଟିମ ଗଠନ କରିବା ପ୍ରକ୍ରିୟା ଜାରୀ ରଖିଛନ୍ତି । ସାଂଗଠନିକ ଦକ୍ଷତା ଥିବା ନେତାଙ୍କୁ ସଂଗଠନରୁ ଗୁରୁ ଦାୟିତ୍ୱ ଦେବେ ପିସିସି ସଭାପତି ।୨୫ ବର୍ଷ ହେବ ଓଡିଶା କଂଗ୍ରେସ ପଦ ପଦବୀର ଚୌକି ଲଢେଇ ପାଇଁ କ୍ଷମତା ବାହାରେ ରହିଛି । ଯାହାକୁ ଭଲ ଭାବେ ବୁଝିଛନ୍ତି ପିସିସି ସଭାପତି । ତେଣୁ ନେତା ନୁହେଁ, ଓଡିଶାରେ କଂଗ୍ରେସ ସଂଗଠନକୁ ନୂଆ ରୂପ ଦେବା ପାଇଁ ଖୋଜିଲେଣି ବିପ୍ଲବୀ ।

# ଓସେପା କାର୍ଯ୍ୟାଳୟରେ ମହାଭାରତ: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଭିଯୋଗ ଶୁଣାଣି ପାଲଟିଲା ପ୍ରତିବାଦ ସଭା




ଭୁବନେଶ୍ୱର,୨୮।୪(ପି.ଏନ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଭିଯୋଗ ଶୁଣାଣି ପାଲଟିଲା ପ୍ରତିବାଦ ସଭା । ଓସେପା କାର୍ଯ୍ୟାଳୟରେ ଚାଲିଥିବା ଏହି ଶୁଣାଣିରେ ଅଭିଭାବକଙ୍କ ସମେତ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଧାରଣା ଦେବା ସହ ଅଧିକାରୀଙ୍କୁ ରୁମରେ ବନ୍ଦ ରଖାଯାଇଥିଲା । ପାରଦର୍ଶୀ ପୋର୍ଟାଲରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଏହି ପ୍ରତିବାଦ କରାଯାଇଛି । ଯୋଗ୍ୟ ଗରିବ ପିଲା କିପରି ମାଗଣା ଶିକ୍ଷାରୁ ବଞ୍ଚିତ ହେଲେ, ସେ ନେଇ ଆପତ୍ତି କରିଥିଲେ ଅଭିଭାବକ । ଶୀଘ୍ର କମିଟି କରି ସମାଧାନ ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ରଖାଯାଇଛି ।ଭୁବନେଶ୍ୱର ଡମଣା ଅଞ୍ଚଳର ବର୍ଷା ଭୂୟାଁ । ଖଣ୍ଡିଗିରି ଅଞ୍ଚଳର ଶୁଚିସ୍ମିତା ରାଉତରାୟ । ଆର୍ଥିକ ସ୍ତରରେ ଅନଗ୍ରସର ଥିବା ଏପରି ଅନେକ ଅଭିଭାବକ ପାରଦର୍ଶୀ ପୋର୍ଟାଲରେ ଘରୋଇ ସ୍କୁଲରେ ନିଜ ପିଲାର ମାଗଣା ଶିକ୍ଷା ପାଇଁ ଆବେଦନ କରିଥିଲେ । ହେଲେ ପାରଦର୍ଶୀ ପୋର୍ଟାଲରେ ମହାଘୋଟାଲା ଅଭିଯୋଗ ହୋଇଛି । ଓସେପା କାର୍ଯ୍ୟାଳୟରେ ଚାଲିଥିବା ଅଭିଯୋଗ ଶୁଣାଣିରେ ଶହ ଶହ ଅଭିଭାବକ ଏ ପ୍ରସଙ୍ଗ ଉଠାଇଥିଲେ । ହେଲେ ସରକାରୀ ଅଧିକାରୀଙ୍କ ପାଖରୁ କେ?ଣସି ସ୍ପଷ୍ଟ ଉତ୍ତର ନ ପାଇବାରୁ ଓଡ଼ିଶା ଅଭିଭାବକ ମହାସଂଘ ସହ ମିଶି ପ୍ରତିବାଦ କରିଥିଲେ । ଓସେପା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚ୍ୟାମ୍ବର ଆଗରେ ଧାରଣା ଦେଇଥିଲେ ଅଭିଭାବକ ଓ ଓଡ଼ିଶା ଅଭିଭାବକ ମହାସଂଘ । ଏପରିକି ସମସ୍ୟାର ସମାଧାନ ନ ହେବା ଯାଏଁ ସରକାରୀ ଅଧିକାରୀଙ୍କୁ ରୁମ ବାହାରକୁ ବାହାରିବାକୁ ଦେଇ ନଥିଲେ । ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ପାରଦର୍ଶୀ ପୋର୍ଟାଲରେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି । ସବୁ ସ୍କୁଲରେ ସିଟ ଥାଇ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ସିଟ ମିଳିନାହିଁ । ୩୬ ହଜାର ୬୯୫ ପଞ୍ଜିକରଣରୁ ୮ ହଜାର ୧୦୦ ନାକଚ ହେବାରୁ ଅସନ୍ତୋଷ ବୃଦ୍ଧି ପାଇଥିଲା ।ସେପଟେ ୫୨୩୪ ଆବେଦନକୁ ଗ୍ରହଣ କରି ବି ସିଟ ମିଳିନି । ଚଳିତ ଶିକ୍ଷା ବର୍ଷରେ ଜାଣିଶୁଣି ପାରଦର୍ଶୀ ପୋର୍ଟାଲରେ ପଞ୍ଜିକରଣ ପାଇଁ ବହୁ ବିଳମ୍ବ କରିଥିଲେ ବୋଲି ପୂର୍ବରୁ ଓଡ଼ିଶା ଅଭିଭାବକ ମହାସଂଘ ପ୍ରତିବାଦ କରିଥିଲା । ରାଜରାସ୍ତାରେ ଆମରଣ ଅନଶନ ବି ହୋଇଥିଲା । ବାଧ ହୋଇ ଗଣଶିକ୍ଷା ସଚିବ ପରବର୍ତ୍ତୀ ପର୍ଯ୍ୟାୟରେ ମାର୍ଚ୍ଚ ୧୮ରେ ପାରଦର୍ଶୀ ପୋର୍ଟାଲ ଖୋଲିଥିଲେ । ସେତେବେଳେ ବହୁତ କମ ସ୍କୁଲ ଅର୍ଥାତ ୨୧୦୯ଟି ସ୍କୁଲ ପଞ୍ଜିକରଣ କରିଥିଲେ । ଧୀରେ ଧୀରେ ପ୍ରତିଦିନ ୨୦ରୁ ୩୦ ସ୍କୁଲ ପଞ୍ଜିକରଣ କରିବାରୁ ଶେଷ ଦିନରେ ସ୍କୁଲ ସଂଖ୍ୟା ୩୯୯୩ରେ ପହଞ୍ଚିଥିଲା । ଯାହା ହିସାବରେ ସିଟ ସଂଖ୍ୟା ବଢ଼ିକି ୫୦ ହଜାର ହୋଇଥିଲା । ଗରିବ ପିଲାଙ୍କୁ ନେଇ ସିଟ୍ ଆଲଟମେଣ୍ଟ ବିବାଦ ସଂପର୍କରେ ସରକାରୀ ଅଧିକାରୀ ମୁହଁ ଖୋଲିବାକୁ ନାରାଜ । ଏକ କମିଟି ଜରିଆରେ ନାକଚ ହୋଇଥିବା ଆବେଦନ ଗୁଡ଼ିକୁ ପୁନଃ ଯାଞ୍ଚ କରିବା ନେଇ ସରକାର ଯୋଜନା କରୁଥିବା ନେଇ ସୂଚନା ମିଳିଛି ।

## ଭାରତ ପାଇଁ ଆକାଶ ପଥ ବନ୍ଦ କରି ନିଜର କ୍ଷତି ନିଜେ କଲା ପାକିସ୍ତାନ !

ଭୁବନେଶ୍ୱର,୨୮।୪(ପି.ଏନ): ପହଲଗାମ ନରସଂହାର ପରେ ଭାରତ ସରକାର ପାକିସ୍ତାନକୁ କୂଟନୀତିକ ଝଟକା ଦେଇଛନ୍ତି । ପାକିସ୍ତାନୀଙ୍କ ଭିସା ରଦ୍ଦ କରାଯିବା ସହ ଭାରତ ସରକାର ସିନ୍ଧୁ ଜଳ ଚୁକ୍ତିକୁ ବାତିଲ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଭାରତର ଏପରି ଆଭିମୁଖ୍ୟ ପରେ ପାକିସ୍ତାନ ମଧ୍ୟ ଭାରତୀୟ ବିମାନଗୁଡିକ ପାଇଁ ନିଜ ଆକାଶ ପଥକୁ ବନ୍ଦ କରି ଦେଇଛନ୍ତି । ଏପରି କରି ଇସଲାମାବାଦ ଭାବି ଥିଲା ଯେ ଭାରତକୁ କ୍ଷତି ପହଞ୍ଚାଇବ ।କିନ୍ତୁ ଆକାଶ ପଥ ବନ୍ଦ କରି ଭାରତକୁ କ୍ଷତି ପହଞ୍ଚାଇବାକୁ ଲକ୍ଷ୍ୟ ରଖିଥିବା ପାକିସ୍ତାନ, ଏବେ ନିଜ ଗୋଡରେ ନିଜେ କୁରାଢ଼ୀ ମାରିବା ଭଳି ଅନୁଭବ କରୁଛି । ଭାରତକୁ ସମସ୍ୟାରେ ପକାଇବାକୁ ପାକିସ୍ତାନ ଚେଷ୍ଟା କରୁଥିବା ବେଳେ ବାସ୍ତବରେ ଆକାଶ ପଥ ବନ୍ଦ କରି ବେସାମରିକ ବିମାନ ଚଳାଚଳ କ୍ଷେତ୍ରରୁ ଇସଲାମାବାଦ ପାଉଥିବା କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛି । ପାକିସ୍ତାନ ଭାରତୀୟ ବିମାନଗୁଡିକ ପାଇଁ ନିଜର ଆକାଶ ପଥ ବନ୍ଦ କରିଥିବାରୁ ଏବେ ସେଗୁଡିକ ଅନ୍ୟ ରାସ୍ତାରେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚୁଛନ୍ତି । ଏଥିପାଇଁ ଅଧିକ ଇନ୍ଧନ ଓ ସମୟ ଲାଗୁଛି । ହେଲେ ପାକିସ୍ତାନ ଆକାଶ ପଥ ଦେଇ ବିମାନ ଯିବା ବେଳେ ଦେଶକୁ ମିଳୁଥିବା ଓଭର ଫ୍ଲାଇଟ ଫି' ଇସଲାମାବାଦ ଏବେ ହରାଇ ଦେଇଛି । ପାକିସ୍ତାନକୁ ଆଉ ବିମାନ କମ୍ପାନୀଗୁଡିକ ଦେଉଥିବା ଫି' ମିଳିବ ନାହିଁ ।

## ଆଖଣ୍ଡଳମଣିଙ୍କ ରୋଷଶାଳାରୁ ଖସିଲା ପ୍ଲାଷ୍ଟର ଖଣ୍ଡ, ଅଳ୍ପକେ ବର୍ତ୍ତିଗଲେ ସେବାୟତ

ଭୁବନେଶ୍ୱର,୨୮।୪(ପି.ଏନ): ଆରଡି ଆଖଣ୍ଡଳମଣିଙ୍କ ରୋଷଶାଳ ଛାତରୁ ଖସିଲା ପ୍ଲାଷ୍ଟର ଖଣ୍ଡ । ଅଳ୍ପକେ ବର୍ତ୍ତିଗଲେ ରୋଷେୟାଙ୍କ ସହ ୧୦ ସେବାୟତ । ନୀତିଭୋଗ ରୋଷେଇ ବାଧାପ୍ରାପ୍ତ ହୋଇଛି । ବାବା ଆଖଣ୍ଡଳମଣିଙ୍କ ରୋଷଶାଳରେ ୧୦ରୁ ୧୨ ଜଣ ରୋଷେୟାଙ୍କ ସହ ସେବାକାରୀ ସକାଳ ନୀତିଭୋଗ ଓ ବଡଭୋଗ ପ୍ରସ୍ତୁତି କରୁଥିଲେ । ଏହି ସମୟରେ ହଠାତ ରୋଷଶାଳ ଛାତରୁ ଏକ ବଡ ପ୍ଲାଷ୍ଟର ଖଣ୍ଡ ଖସିଥିଲା ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।
ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ।
ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇଙ୍କୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇଙ୍କୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# କେନ୍ଦ୍ରାପଡ଼ାର ରାଜନୀତିକ ଦୃଶ୍ୟ !

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢା ଶେଷ ପରେ ବୈଜୟନ୍ତବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେଶନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ “ସିଟିଜେନ୍ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍” ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା’, ଶିଶୁ, ଅଙ୍ଗନଓ୍ୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଉର୍ଦ୍ଧ୍ୱ ମା’ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନ ଥିଲେ। ତା.୨୮.୦୫.୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ବୈଜୟନ୍ତବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା’ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନ ଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ସେହିପରି ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇଦେବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେହୋଇଥିଲା ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣିପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କରିଥିଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

# ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ



ଭବାନୀପାଟଣା ,(ପି.ଏନ): କଳାହାଣ୍ଡି ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ଦୁଆରସନୀ ଗ୍ରାମ ପଞ୍ଚାୟତରେ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ଆର୍ଥିକ ସେବା ଓ ସ୍ୱଳ୍ପ ସଞ୍ଚୟ ବିବେକାନନ୍ଦ ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଭବାନୀପାଟଣା କୃଷ୍ଣ ପ୍ରସନ୍ନ ପଣ୍ଡା ଯୋଗଦେଇ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା, ଅଟଳ ପେନସନ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏଥିରେ ମିଶନଶକ୍ତି ମଣ୍ଡଳୀ ଓ ଅଙ୍ଗନବାଡି କର୍ମକର୍ତ୍ତା କର୍ମୀ ଯୋଗ ଦେଇଥିଲେ ।

# ପ୍ରଣତି ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା ,(ପି.ଏନ): ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ବାଲିପଡା ଠାରେ ମନୋଜ କୁମାର ସିଂହଙ୍କ ପତ୍ନୀ ପ୍ରଣତି ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାହାଙ୍ଗା ପଂଚାୟତର ପୂର୍ବତନ ସରପଂଚ ଭାଗବତ ସେଠୀ, ଜତିନ୍‌ଜ୍ଞୟ କୁଅଁର, ସନ୍ତୋଷ ସିଂହ,ତୋଫାନ ସିଂହ, ବିଜୟ ସିଂହ, ଅରୁଣ ମହାରଣା,ବିଚିତ୍ରାନନ୍ଦ ସାହୁ, ଅଜୟ ମହାନ୍ତି,ମୋହନ ଚରଣ ସିଂହ,ଦିଲ୍ଲିପ ସିଂହ, ରବିନ୍ଦ୍ରନାଥ ସିଂହ,ଦାମୋଦର ସିଂହ,ପ୍ରହଲ୍ଲାଦ ସିଂହ, ସାମ୍ବାଦିକ ବିଜୟ କୁଅଁରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ସିଂହ, ସ୍ୱର୍ଣ୍ଣଲତା ସିଂହ, ଅନ୍ନପୂର୍ଣ୍ଣା ସିଂହ, ମାମାଲି ସିଂହ, ପ୍ରୟାଂଶୁ ସିଂହ, ମାନସି ସିଂହ, ପ୍ରତିଭା ସିଂହ, ପଙ୍କଜ କୁମାର ସିଂହ ଓ ପୁତ୍ର ପ୍ରସନଜିତ୍ ସିଂହ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଣତି ସିଂହଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନାରୀବିନା ସଂସାର ଅଧୁରା,ଏଣୁ ନାରୀଙ୍କୁ ଗୃହଲକ୍ଷ୍ମୀଭାବେ ମାନ୍ୟତା ଦିଆଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ସୁରକ୍ଷାରେ ତ୍ରୁଟି ଯୋଗୁଁ କାରଖାନା ପରିସରରେ ଦୁର୍ଘଟଣା ପରେ ଟିପର ଚାଳକର ମୃତ୍ୟୁ



କେନ୍ଦୁଝର (ପିଏନ୍): କାରଖାନା ପରିସରରେ ସୁରକ୍ଷାରେ ତୃଟି ଯୋଗୁଁ ଜଣେ ଟ୍ରକ ଚାଳକର ମୃତ୍ୟୁ ହୋଇଛି। ପୋଲିଓ ଏବଂ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ପିଲେଟ ଏବଂ ବେନିଫିକେସନ କାରଖାନା ପରିସରରେ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟିପର ଦୁର୍ଘଟଣା ଘଟି ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। କାରଖାନା ପରିସରରେ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ଢିଲା ଓ ଭିତରେ ଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାବେଳେ ଏବେ ଏକ ଦୁର୍ଘଟଣା ଘଟି ଜଣେ ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଛେଦି ମୁଣ୍ଡା ଏବଂ ବୟସ ୩୧ବର୍ଷ ବୋଲି ଜଣାପଡିଛି। ଏହାକୁ ନେଇ ବାମେବାରୀ ଥାନା ପୋଲିସ ଏକ କେସ ନଂ ୨୦୨ ଦଫା ୨୭୯, ୩୦୪ (ଏ) ଏକ ମାମଲା ରୁଜୁ କରିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାରଖାନା ପରିସରରେ ବେପରୁଆ ଗାଡି ଚାଳନା ଯୋଗୁ ଗାଡି ଚାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି। କାରଖାନା ପରିସରରେ ଦୃତ ଗତିରେ ଗାଡି ଚଲାଉଥିଲେ ସୁରକ୍ଷା କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝରସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ମଧ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଭିନ୍ନ ମୋଡ ଦେଇ କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଚାଲିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କାରଖାନା ପରିସରରେ ଥିବା ରାସ୍ତାଘାଟ ଗୁଡିକ ସଠିକ ମାନର କରିବା ସହ ଶ୍ରମିକ ତଥା ଗାଡି ଚାଳକ ମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ସେହିପରି କାରଖାନା ପରିସରରେ ଧୂଳି,ଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ନେଇ ମଧ ପଦକ୍ଷେପ ନିଆଯାଇଥାଏ। ତେବେ ଏସବୁ ଅବ୍ୟବସ୍ଥା ତଦାରଖ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଶ୍ରମ ବିଭାଗ,କାରଖାନା ଓ ବାଷ୍ପିତ ବିଭାଗ ଗସ୍ତ କରି ଯାଂଚ କରିଥାନ୍ତି। ତେବେ ଏହି କାରଖାନାରେ ସେ ସବୁ ଠିକ୍ ଭାବରେ ଯାଂଚ ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ନିୟମିତ ରାସ୍ତାଘାଟ ସଫେଇ ଓ ଜଳସିଞ୍ଚନ କରାଯାଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ସମସ୍ୟା ଦେଖାଦେଇଥାଏ। ଏଣୁ ଏସବୁ ଦୃଷ୍ଟିକୋଣରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଡ୍ରାଇଭରକୁ କ୍ଷତିପୂରଣ ଦେଇ ନ୍ୟାୟ ଦେବାକୁ ଦାବୀ ହୋଇଛି। ଏନେଇ ବାମେବାରୀ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ କହିଛନ୍ତି ଯେ, ଘଟଣାକୁ ନେଇ କେସ କରାଯାଇ ତଦନ୍ତ ଚାଲିଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦାଙ୍କ ସହ ଯୋଗାଯୋଗ କରିବାରୁ କାରଖାନା ପରିସରରେ ଦୁର୍ଘଟଣାର ତଦନ୍ତ ଚାଲିଛି। ମାଲଗାଡିଗୁଡିକ କାରଖାନାରୁ ବାହାରିବା ସମୟରେ ଗାଡିର ଚକା ପାଣିରେ ଧୋଇବା ପାଇଁ ଯେଉଁ ବ୍ୟବସ୍ଥା ହେବା କଥା ତାହା ନାହିଁ। ଫଳରେ କାରଖାନା ଗାଡି ଯିବା ଆସିବା ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କାରଖାନା ପରିସରରେ ଜଳସିଞ୍ଚନ ବ୍ୟବସ୍ଥା ମଧ ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହୋଇଛି। କାରଖାନା ଭିତର ରାସ୍ତା ସଂପୂର୍ଣ୍ଣ ଭାବରେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ଭିତର ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ କାରଖାନା କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଛନ୍ତି। ଯାହାଦ୍ୱାରା ଗାଡି ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡି ଗୋଟିଏ ଗାଡି ଅନ୍ୟ ଗାଡିକୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାଲିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଉଡୁଛି ଯେ କାରଖାନାର କର୍ମଚାରୀମାନେ ମଧ କାରଖାନା ପରିସରରେ କାମ କରିବା ନିରାପଦ ମଣୁନାହାଁନ୍ତି। କାରଖାନା ଯାଞ୍ଚ ପାଇଁ ଶିଳ୍ପ ବିଭାଗ ଏକ କମିଟି ଗଠନ କରଛନ୍ତି। ଯାହାକୁ ସେଣ୍ଟ୍ରାଲ ଇନ୍ସପେକ୍ସନ କୋ-ଅଡିନେସନ ଗ୍ରୃପ(ସିଆଇସିଜି) କୁହାଯାଉଛି। ଏହି ଗ୍ରୁପ ରେ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କୁ ସାମିଲ କରାଯାଇଛି। କମ୍ପ୍ୟୁଟର ଜେନେରେଟେଡ ପ୍ରୋଗ୍ରାମ ଅନୁସାରେ ଏହାର ଅଧିକାରୀମାନେ ବିଭିନ୍ନ କଳକାରଖାନା ପରିଦର୍ଶନ କରିବାର ନିୟମ ରହିଛି । କିନ୍ତୁ ଶିଳ୍ପ ବିଭାଗର ଏହି ମହତ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି। ଯୁଗ୍ମ ଭାବେ ଯାଂଚ ସମୟରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ କାଗଜକଲମରେ ଯାଂଚ ରିପୋର୍ଟ ପ୍ରସ୍ତୁତ କରି ଅନ୍‌ଲାଇନରେ ଅପଲୋଡ କରୁଛନ୍ତି। ଏପରିକି ଅନଲାଇନରେ ଅପଲୋଡ ପରେ ଏହାଉପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଶିଳ୍ପ ବିଭାଗର ସିଆଇସିଜି ଯାଞ୍ଚ ର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଫଳରେ କଳକାରଖାନାରେ ଥିବା ବିଭିନ୍ନ ଅବ୍ୟବସ୍ଥାର ସୁଧାର ଆସି ପାରୁନାହିଁ। ଜନହିତକର ଏବଂ ଶିଳ୍ପ ପ୍ରୋତ୍ସାହନ ପାଇଁ କରାଯାଇଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ।

# ବାଲି ଚୋରା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଏକ ବାଲି ବୋଝେଇ ହାଇଓ୍ୱା ଓ ପୋକଲିନ୍ ମେସିନ୍‌କୁ ଅଟକାଇ ଏହି ବେଆଇନ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ନାରାବାଜି କରିଥିଲେ। ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ଏଠାରୁ ବାଲିମାଫିଆ ବେଧଡ଼କ ବାଲି ଲୁଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଛନ୍ତି। ଦୁଇଟି ପୋକଲିନ୍ ମେସିନ୍ ବାଲି ଉତୋଳନ କରୁଥିବା ବେଳେ ଏହାକୁ କେତେକ ହାଇଓ୍ୱାରେ ପରିବହନ କରାଯାଉଛି। ଗୋଟିଏ ହାଇଓ୍ୱାରେ ବାଲି ବୋଝେଇ ହୋଇ ଗଲାପରେ ଅନ୍ୟ ଏକ ହାଇଓ୍ୱା ଘାଟରେ ପଶୁଛି। ସ୍ଥାନୀୟ ଅଂଚଳବାସୀଙ୍କୁ ଅନ୍ଧାରରେ ରଖି ଲିଜ୍‌ଧାରୀ ଅତି ଚତୁରତାର ସହ କେତେକ ହାଇଓ୍ୱାରେ ଦିନକୁ ଶତାଧିକ ଟ୍ରିପ୍ ବାଲି ଲୁଟି ନେଉଛନ୍ତି। ଲିଜ୍ ଅଂଚଳରୁ ବାଲି ଉଠାଇବା ପରିବର୍ତେ କାହା ନିର୍ଦ୍ଦେଶରେ ବିନା ଆର୍ ଫର୍ମରେ ଏଠାରୁ ବେଆଇନ ବାଲି ଉତୋଳନ ହେଉଛି ? ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଆର୍‌ଆଇଙ୍କୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟାକ୍ସଫୋର୍ସ କ’ଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ। ସେହିପରି ଚାନ୍ଦପୁର ମୌଜାରେ ବାଲି ସୈରାତ୍ ଲିଜ୍ ନେଇଥିବା ଲିଜ୍‌ଧାରୀ ଏଠାରୁ ୩୦ ହଜାର ଘନମିଟରରୁ ଅଧିକ ବାଲି ଲୁଟି ନେଇଥିଲେ। ସ୍ଥାନୀୟ ଅଂଚଳବାସୀଙ୍କ ବିରୋଧ ପରେ ଧର୍ମଶାଳା ତହସିଲ ପକ୍ଷରୁ ଗତ ଜୁନ୍ ମାସରେ ଏଠାରେ ଚଢ଼ଉ କରାଯାଇ ୭ଟି ବାଲି ବୋଝେଇ ହାଇଓ୍ୱା ଓ ୨ଟି ପୋକଲିନ୍ ମେସିନ୍ ଜବତ କରିଥିଲା। ସଂପୃକ୍ତ ବାଲିମାଫିଆ ବିରୋଧରେ ୨କୋଟି ଟଙ୍କା ଜରିମାନା କରାଯାଇଥିଲା। ଏହି ଜରିମାନା ବର୍ତମାନ ସୁଦ୍ଧା ଅନାଦେୟ ରହିଛି। ଏହାସତ୍ୱେ ପୁଣି ଏଠାରୁ ୨୦ ହଜାର ଘନମିଟରରୁ ଅଧିକ ବାଲି ଲୁଟ୍ ହୋଇଯିବା ଘଟଣା ପ୍ରଶାସନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବାହ୍ନରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ବେଆଇନ ବାଲିଘାଟକୁ ବିରୋଧ କରିବା ଓ ବାଲି ବୋଝେଇ ହାଇଓ୍ୱାକୁ ଅଟକାଇଥିବା ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା। ଏ ସଂପର୍କରେ ପୁଲିସ୍ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ। ଉକ୍ତ ବିବାଦର ସମାଧାନ ପାଇଁ ଦୁଇ ତହସିଲର ତହସିଲଦାରଙ୍କ ଉପସ୍ଥିତିରେ ଏରିଆ ମାପଚୁପ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଫଟୋ ସଂଗ୍ରହରେ ବିରଳ ରେକର୍ଡ



ଭୁବନେଶ୍ୱର (ପିଏନ୍): ବାଲକାଟି ରଥଜେମା ଗ୍ରାମର ଶ୍ରୀ ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ୍ୟ। ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି। ଆମ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍‌ରେ ସାଇତି କରି ରଖିଛନ୍ତି। ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ ସେ ସଂଗ୍ରହ କରି ରଖିଛନ୍ତି। ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨୦୦୧ ମସିହାରେ ସେବେଠାରୁ ଦୀର୍ଘ ୨୨ ବର୍ଷ ହେଲାଣି ଦିଲ୍ଲୀପ ଏହି ସଂଗ୍ରହ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ ଅଫ୍ ଓ୍ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଯଦିଓ ଏହି ଆନ୍ତର୍ଜାତିକ ସ୍ତରରେ ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ସହଜସାଧ ନୁହେଁ । ତଥାପି ଦିଲ୍ଲୀପଙ୍କ ନିଷ୍ଠାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଆନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି। ଦିଲ୍ଲୀପ ମଧ ପ୍ରତ୍ୟେକ ଦିନ ନିଜର ସଂଗ୍ରହକୁ ସାମାଜିକ ଗଣମାଧ୍ୟମରେ ସେୟାର କରନ୍ତି। ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲାଇକ୍ କରିଛନ୍ତି। ଦିଲ୍ଲୀପ ମଧ ଆହୁରି ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରମାନେ ନିଜର ଏହି ସଂଗ୍ରହ କାର୍ଯ୍ୟ ଏବଂ କଳା ପାଇଁ ପାଇଛନ୍ତି। ନିକଟରେ ରାଷ୍ଟ୍ରୀୟ ପ୍ରେରଣା ଆଓ୍ୱାଡ-୨୦୨୨ ମଧ ଦିଲ୍ଲୀପ ପାଇଥିଲେ। ଦିଲ୍ଲୀପ ମଧ ୨୦୨୧ ମସିହାରେ ଆମ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଇଣ୍ଡିଆ ଓ୍ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲେ। ଦିଲ୍ଲୀପ ଅନେକ ପୁରସ୍କାର ମଧ ଲାଭ କରିଛନ୍ତି। ୨୦୨୧ ମସିହାରେ ଇଣ୍ଡିଆ ଷ୍ଟାର ଇଣ୍ଡିପେଣ୍ଡେଣ୍ଟ ଆଓ୍ୱାର୍ଡ, ଇଣ୍ଡିଆ ପ୍ରାଉଡ୍ ଆଓ୍ୱାର୍ଡ, ୨୦୨୨ ମସିହାରେ ଇଣ୍ଡିଆ ପ୍ରାଇମ୍ ଆଓ୍ୱାର୍ଡ ପାଇ ଚର୍ଚ୍ଚାରେ ଥିଲେ। ଦିଲ୍ଲୀପ ଜଣେ ଭଲ ଚିତ୍ରଶିଳ୍ପୀ। ଦିଲ୍ଲୀପଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ଏବଂ ସମ୍ମାନାସ୍ପଦ ଅଟେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଅପ୍ରେଲ ୨୯

# ରାତିରେ ଚେଇଁବା ଚିନ୍ତାଜନକ ନୁହେଁ



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଆପଣ ଡ଼େରିରେ ଶୋଇ ଡେରିରେ ଉଠୁଛନ୍ତି କି? ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ। ୩୭ବର୍ଷ ଧରି କରାଯାଇଥିବା ଅଧ୍ୟୟନ ରିପୋର୍ଟ ଅନୁଯାୟୀ ଧୂମପାନ କିମ୍ବା ମଦ୍ୟପାନର ଅଭ୍ୟାସ ନଥିଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାହିଁଲେ ମଧ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁନ୍ନ ହୁଏନାହିଁ। ଏପରିକି ଶୀଘ୍ର ଶଯ୍ୟା ତ୍ୟାଗ କରୁଥିବା ବ୍ୟକ୍ତିଙ୍କ ତୁଳନାରେ ମଧ ସେମାନଙ୍କ ଶୀଘ୍ର ମୃତ୍ୟୁ ହୁଏନାହିଁ। ଶୋଇବା କିମ୍ବା ଉଠିବାର ସମୟ ପଛରେ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ଏହି ତଥ୍ୟ ଅନେକଙ୍କୁ ଆଶ୍ୱସ୍ତ କରିଦେବ। କାରଣ ପୂର୍ବର ଏକ ଗବେଷଣାରେ ବିପରୀତ ତଥ୍ୟ ଦିଆଯାଇଥିଲା। ଏହି ଅନୁଯାୟୀ ରାତିରେ ଚେଉଁଥିବା ବ୍ୟକ୍ତି ମାନଙ୍କୁ ସକାଳୁ ଶୀଘ୍ର ଉଠିବା କଷ୍ଟକର ହୋଇଥାଏ। ସେମାନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏପରିକି ୨୦୧୮ ମସିହା ବ୍ରିଟେନର ଅନୁଧ୍ୟାନ ରିପୋର୍ଟରେ ସକାଳେ ଉଠୁଥିବା ମଣିଷ ତୁଳନାରେ ସଂଧାରେ ଉଠୁଥିବା ବ୍ୟକ୍ତିଙ୍କ ମୃତ୍ୟୁର ଆଶଙ୍କା ୧୦ ପ୍ରତିଶତ ଅଧିକ ବୋଲି କୁହାଯାଇଥିଲା। ମାତ୍ର ଏବେ ଜଣାପଡ଼ିଛି ଯେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚେଉଁଥିବା ବ୍ୟକ୍ତିଙ୍କ ମୃତ୍ୟୁର କାରଣ ଶୋଇବାରେ ବିଳମ୍ବତା ନୁହେଁ ବରଂ ଧୂମପାନ ଏବଂ ମଦ୍ୟପାନ ଅଟେ। ୧୯୮୧ ମସିହାରେ ଗୋଟିଏ ଲିଙ୍ଗର ୨୪ ହଜାର ଯମଜ ଭଉଣୀ କିମ୍ବା ଭାଇଙ୍କୁ ନେଇ ଫିନଲାଣ୍ଡରେ ଗବେଷଣା କରାଯାଇ ଥିଲା। ଏହି ଅବସରରେ ଗୋଟିଏ ପ୍ରଶ୍ନ ପଚରାଯାଇଥିଲା ଯେ ସେମାନେ ସକାଳ କିମ୍ବା ସଂଧ୍ୟା କେଉଁଭଳି ମଣିଷ ଅଟନ୍ତି। ଏଥିରୁ ୧୦ ପ୍ରତିଶତ ନିଜକୁ ସଂଧ୍ୟାର ମଣିଷ ବୋଲି କହିଥିଲେ। ଏକ ତୃତୀୟାଂଶ ନିଜକୁ ସଂଧାରେ ମଣିଷ କୁହାଯାଇ ପାରେ ବୋଲି କହିଥିଲେ। କିନ୍ତୁ ବାକିମାନେ ନିଜକୁ ସକାଳ ମଣିଷ ବୋଲି କହିଥିଲେ। ସଂଧାର ମଣିଷଙ୍କ ମଧ୍ୟରୁ ଅଧିକାଂଶଙ୍କ ମଦ୍ୟପାନ ଏବଂ ଧୂମପାନର ଅଭ୍ୟାସ ରହିଥିଲା। ୨୦୧୮ ମସିହାରେ ଆଉ ଏକ ଅନୁଧାନ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ୨୪ ହଜାରରୁ ୮୭୦୦ ଯମଜଙ୍କ ମୃତ୍ୟୁ ହୋଇସାରିଛି। ୩୭ ବର୍ଷ ଧରି କରାଯାଇଥିବା ଗବେଷଣାରୁ ଏହା ସ୍ପଷ୍ଟ ହୋଇଥିଲା ଯେ ରାତିରେ ଚେଉଁଥିବା ବ୍ୟକ୍ତିଙ୍କ ମୃତ୍ୟୁର ଆଶଙ୍କା ୯ ପ୍ରତିଶତ ଅଧିକ ଥାଏ। କିନ୍ତୁ ଏଥିପାଇଁ ମୁଖ୍ୟତଃ ଧୂମପାନ ଏବଂ ମଦ୍ୟପାନ ହିଁ ଦାୟୀ। ଉଦାହରଣ ସ୍ୱରୂପ ରାତିରେ ଦୀର୍ଘ ସମୟ ଧରି ଚେଉଁଥିବା ବ୍ୟକ୍ତିଙ୍କ ମଦ୍ୟପାନ ବା ଧୂମମପାନ ଅଭ୍ୟାସ ନଥିଲେ କିମ୍ବା ସାମାନ୍ୟ ଅଭ୍ୟାସ ଥିଲେ ସେମାନଙ୍କ ଶୀଘ୍ର ମୃତ୍ୟୁ ହେଉନାହିଁ। ତେଣୁ ସଂଧାର ମଣିଷମାନେ ସେମାନଙ୍କ ଧୂମପାନ ଏବଂ ମଦ୍ୟପାନ ଅଭ୍ୟାସ ନେଇ ଗଭୀର ଭାବରେ ଚିନ୍ତା କରିବାର ସମୟ ଆସିଯାଇଛି। ମଣିଷ କେଉଁ ସମୟରେ ଶୋଉଛି କିମ୍ବା ଉଠୁଛି ଏହା ସହିତ ସେମାନଙ୍କ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ଆଉ କିଛି ସମାଲୋଚକ ଏହି ଅଧ୍ୟୟନର କେତୋଟି ତ୍ରୁଟି ଚିହ୍ନଟ କରିଛନ୍ତି। ତାଙ୍କ ଅନୁସାରେ ଧୂମପାନ କିମ୍ବା ମଦ୍ୟପାନ ବ୍ୟତୀତ ଅନ୍ୟ କେଉଁ ପ୍ରକାର ନିଶା ମୃତ୍ୟୁର କାରଣ ହୋଇଥାଏ ଏହି ଅଧ୍ୟୟନରେ ତାହା ଦର୍ଶାଯାଇନାହିଁ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ରାତିରେ ଚେଉଁଥିବା ବ୍ୟକ୍ତି ବିଭିନ୍ନ ପ୍ରକାର ମାନସିକ ଦୁଶ୍ଚିନ୍ତାର ଶିକାର ହେଉଥିବା ନେଇ ଆଉ ଏକ ଅଧ୍ୟୟନ ମଧ କରାଯାଉଛି।

*କନସଲଟାଣ୍ଟ ରେଡ଼ିଓଲୋଜିଷ୍ଟ,*
*ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ*
*ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୨୩୪୪୩*

# ସ୍ୱାସ୍ଥ୍ୟ ସେବାରେ ଫାର୍ମାସିଷ୍ଟ

**ଦେବୀ ପ୍ରସାସ ଲେଙ୍କା**

ବର୍ତ୍ତମାନର ଆଧୁନିକ ଯୁଗରେ ଚିକିତ୍ସା ବିଜ୍ଞାନର ଯଥେଷ୍ଟ ଉନ୍ନତି ଘଟିଛି। ଉନ୍ନତମାନର ଚିକିତ୍ସା ତଥା ଔଷଧ ଦ୍ୱାରା ବହୁ ଦୂରାରୋଗ ଭଲ ହେଉଥିବା ଦେଖିବାକୁ ମିଳୁଛି। ତେବେ ଉନ୍ନତମାନର ଔଷଧ ପ୍ରସ୍ତୁତ କରି ସମାଜକୁ ରୋଗ ମୁକ୍ତ ରଖୁଥିବା ଫାର୍ମାସିଷ୍ଟଙ୍କୁ ଏହାର ଶ୍ରେୟ ଯାଉଛି। ଫାର୍ମାସିଷ୍ଟଙ୍କ କାର୍ଯ୍ୟଦକ୍ଷତାକୁ ଲୋକଲୋଚନକୁ ଆଣିବା ତଥା ସେମାନଙ୍କୁ ସାଧୁବାଦ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୫କୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ଭାବେ ପାଳନ କରାଯାଉଛି। ଔଷଧ ପ୍ରସ୍ତୁତି ପାଇଁ ବ୍ୟବହୃତ ହେଉଥିବା ଜ୍ଞାନ କୌଶଳ ତଥା ବିଜ୍ଞାନକୁ ଫାର୍ମାସୀ କୁହାଯାଏ। ଉଭୟ ଚିକିତ୍ସା ଓ ରସାୟନ ବିଜ୍ଞାନର ମିଶ୍ରଣ ହେଉଛି ଫାର୍ମାସୀ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ ପ୍ରାୟ ୨.୬ ମିଲିୟନ ଫାର୍ମାସିଷ୍ଟ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଅନ୍ତର୍ଜାତୀୟ ଫାର୍ମାସିୟୁଟିକାଲ ଫେଡେରେସନ ପକ୍ଷରୁ ୨୦୦୯ ମସିହାରେ ତୁର୍କୀର ଇସ୍ତାନବୁଲରେ ପ୍ରଥମେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳନ କରାଯାଇଥିଲା। ପ୍ରତିବର୍ଷ ଏହି ଅନୁଷ୍ଠାନ ବିଭିନ୍ନ ଥିମ୍ ମାଧ୍ୟମରେ ଲୋକଙ୍କୁ ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ସମ୍ବନ୍ଧରେ ସଚେତନ ସୃଷ୍ଟି କରୁଛି। ଅନେକ ହୁଏତ ଜାଣି ନଥାନ୍ତି ଚିକିତ୍ସା ସେବାରେ ଡାକ୍ତରଙ୍କ ପରେ ସବୁଠାରୁ ଗୁରୁଦାୟିତ୍ୱ ଫାର୍ମାସିଷ୍ଟଙ୍କ ଉପରେ ନ୍ୟସ୍ତ ରହିଥାଏ। ଔଷଧର ବ୍ୟବହାର ପ୍ରଣାଳୀ ଠାରୁ କୌଣସି ଅସ୍ତ୍ରୋପଚାରରେ ସହାୟତା ହେଉ, ଯେକୌଣସି ତତ୍କାଳ ଆନୁସଙ୍ଗିକ ଚିକିତ୍ସା ସେବା କ୍ଷେତ୍ରରେ ଏହି ଫାର୍ମାସିଷ୍ଟ ବା ଭେଷଜ ତତ୍ତ୍ୱାବଧାରକଙ୍କ ଭୂମିକା କଳ୍ପନାର ବାହାରେ। କିନ୍ତୁ ଅନେକ ସମୟରେ ସେମାନେ ଭୁଲ ବୁଝାମଣାର ଶିକାର ହୋଇ ଅନେକ ଅସୁବିଧାକୁ ବି ସାମ୍ନା କରିଥାନ୍ତି। ରାଜ୍ୟରେ କିଛିଦିନ ହେଲା ଫାର୍ମାସିଷ୍ଟ ମାନଙ୍କର କିଛି ଦାବୀ ନେଇ ସ୍ୱାସ୍ଥ୍ୟସେବାରେ ଅଚଳାବସ୍ଥା ଦେଖାଦେଇଛି। ତେବେ ଫାର୍ମାସିଷ୍ଟ ମାନଙ୍କ ଭୂମିକା ଯେଉଁପରି ଗୁରୁତ୍ୱପୂର୍ଣ୍ଣ ଏ କ୍ଷେତ୍ରରେ ସରକାରୀ ସହଯୋଗ ଓ ପ୍ରୋତ୍ସାହନ ଜରୁରୀ ମନେହୁଏ। ସୂଚନାଯୋଗ୍ୟ, ଏଣିକି ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ରୋଗୀ ଦେଖିପାରିବେ ଏବଂ ଔଷଧ ଦେଇପାରିବେ ବୋଲି ରାଜ୍ୟ ସରକାର ଗତ ବର୍ଷ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଯେଉଁ ହସ୍ପିଟାଲରେ ଡାକ୍ତର ନାହାନ୍ତି ସେଠାରେ ବୁଝାଶୁଝା କରୁଥିବା ଫାର୍ମାସିଷ୍ଟ ରୋଗୀଙ୍କ ଚିକିତ୍ସା କରିପାରିବେ। ଏଥିପାଇଁ ସରକାର ବିଧିବଦ୍ଧ ଅନୁମତି ଦେଇଛନ୍ତି। ଏଥିପାଇଁ ସେମାନେ କେଉଁ ରୋଗ ପାଇଁ କେଉଁ ଔଷଧ ଦେବେ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଲିକା ପ୍ରସ୍ତୁତ କରି ନିର୍ଦ୍ଦେଶନାମା ଜାରି କରାଯାଇଛି। ଫାର୍ମାସିଷ୍ଟମାନେ ଲକ୍ଷଣଯୁକ୍ତ ଜ୍ୱର ପାଇଁ ପାରାସିଟାମଲ, ଆଜିଥ୍ରୋମାଇସିନ, ସେଫିକ୍ସାଜାଇମ୍, ଆମୋକ୍ସିସିଲିନ୍ ମେଡ଼ିସିନ ଦେଇପାରିବେ। ସେହିପରି ମ୍ୟାଲେରିଆ, ଚର୍ମ ରୋଗ, ଝାଡ଼ାବାନ୍ତି ଓ ଅନ୍ୟ ରୋଗ ପାଇଁ ମଧ ଔଷଧ ତାଲିକା ଜାରି ହୋଇଛି। ଏହି ତାଲିକା ଅନୁସାରେ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ଦେଇପାରିବେ ବୋଲି ନିର୍ଦ୍ଦେଶ ରହିଛି। ଡାକ୍ତରଙ୍କ ଅନୁପସ୍ଥିତିରେ ଏବଂ କେତେକ ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ଫାର୍ମାସିଷ୍ଟମାନେ ରୋଗୀଟି ପାଇଁ ଦ୍ୱିତୀୟ ଭଗବାନ ସାଜିଥାନ୍ତି।

ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୯୩୭୭୩୨୬୬୮୦

# ଯମପୁରକୁ ରାସ୍ତା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ରୋମୀୟ ମାନଙ୍କର ବିଶ୍ୱାସ ଯେ ସବୁ ରାସ୍ତା ରୋମକୁ ପଡ଼ିଛି। ଆମର ଶାସ୍ତ୍ର କହୁଛି ଦୃଶ୍ୟା ଦୃଶ୍ୟ ଅନେକ ରାସ୍ତା ଅଛି। ଏ ମଧ୍ୟରୁ ବହୁ ରାସ୍ତା ଉପଯୁକ୍ତ ଜ୍ଞାନ ଉପଦେଶରେ ନ ଚାଲିଲେ ତାହା ଯମପୁର ଆଡୁ ଲମ୍ବୀ ଯାଇଛି। ଗୁରୁ ଗୁରୁଜନଙ୍କ ତାଡ଼ନା ଉପଦେଶ ଯମପୁରୁ ଯିବା ରାସ୍ତାରୁ ଦୂରେଇ ଦିଏ। ଅନେକ ବାଣୀ ବ୍ୟକ୍ତିଙ୍କୁ ଖଙ୍ଗୁସ ଲାଗେ। ବେପରୁଆ ମାନଙ୍କ ପାଇଁ ରାସ୍ତାରେ ବାଙ୍କ ନାହିଁ, ଛକ ନାହିଁ, ଚିନ୍ତନ ପଡ଼େ। ହେଲେ ସବୁରାସ୍ତାରେ ବାଙ୍କ ଛକ ଅଛି ବୋଲି ଯାନରେ ହେଣ୍ଡଲ ବ୍ରେକ ଟ୍ରାଫିକ ନିୟମ ରହିଛି। ତିନିଜଣ ମଦତି, ମଦ୍ୟପାୟୀ ବ୍ୟକ୍ତି ସବୁଙ୍କର ସଭା ଅଛି। ଅତିକମରେ ତିନିଜଣରେ ସଭାଟିଏ ହୋଇପାରେ। ଦୁଇଜଣରେ କାଣ୍ଡ ଘଟିପାରେ। ବ୍ରାହ୍ମଣ ତ୍ରୟମ୍ ମନା କରାଯାଇଛି ତାର କାରଣ ଏକ ଘଟଣାକୁ ମତାନ୍ତର କଲେ କଳି ଉପୁଜିବାରେ ଲାଗେ। ଦ୍ୱୟ ବା ଚତୁଃ ବା ତତୋଧିକ ବ୍ରାହ୍ମଣରେ ପୂଜା ପାର୍ବଣ ଯଜ୍ଞ ଶ୍ରାଦ୍ଧ ସହଜରେ ହେଉଛି। ସେମିତି ସବୁ ମାଷ୍ଟରରେ ଅପେରା ପାର୍ଟି କେବେ ମଞ୍ଚସ୍ଥ ନାଟକ କେବେ ସର୍ବାଙ୍ଗ ସୁନ୍ଦର ହୋଇନପାରେ। ଅତଏବ ଏ ବିଧାନ ସର୍ବଦା ଅନୁସୃତ ହେବା କଥା ଯୁଆଡ଼ି ନିଶାଡ଼ି ମଦତି ଏମାନେ ଏକ ଗୋଷ୍ଠୀରେ ଆସିଗଲେ କଳି ହୋଇ ସାଂଘାତିକ ଅବସ୍ଥା ଉପୁଜିଥାଏ। ଏକ ନାରୀ ଧନ, ଜମିଜମା ଆଦିରେ ଲୋଭ ହୋଇ ଜିଗିରି ଦୋସ୍ତ ବି ଶତୃତା ପ୍ରାଣ ହାନି ଅବସ୍ଥା ହୋଇଥାଏ। ଏମିତି ତିନିଜଣ ଘୋଡ଼ା ମଦୁଆ ସେ ପୁଣି ଘୋଡ଼ାରେ ଦ୍ୱାରାନ୍ତ ଯାତ୍ରୀ ଯାତ୍ରା ପଥ ଅତିକ୍ରାନ୍ତ କରୁଥିଲେ ଖେୟାଲ ପଶିଗଲା, ଜୀବନ କେତେ ସୁନ୍ଦର ଏ ଜୀବନ ଦିନେ ଚାଲିଯିବ, ଏ ଜୀବନ ହାନିର କାରଣ ହେଉଛନ୍ତି 'ଯମ' ଯଦି ଯମ ଠିକଣା ଖୋଜି ତାଙ୍କୁ ଖତମ କରି ଦିଆଯାଆନ୍ତା। ତେବେ ଜୀବନ ସାରା ଅୟସ କରି କରି କଟାଯାଇ ପାରନ୍ତା। ଯମ ମାରଣ ଅଭିଯାନ ତିନି ମଦ୍ୟପ ଯୁବକ ଘୋଡ଼ାରେ ଆସି ହସ୍ତା ହୋଇ ନିଶାରେ ଚୁର ରାଇ ଯମ ଖୋଜାରେ ରାଜପଥରେ କଳିକଳା ନାଦ କରି ଧାବିତ ଲୋକ ଏମାନଙ୍କର ରୂପ ହାତର ଅସ୍ତ୍ର ଦେଖି ଦୂରରୁ ବାଟ କାଟୁଛନ୍ତି କିନ୍ତୁ ସମସ୍ତେ ସ୍ୱାଭାବିକ ଗତିରେ ନଥାନ୍ତି ଅତିବୃଦ୍ଧି ଲେଙ୍କଡ଼ା ଅନ୍ଧ ଜଟିଳ ରୋଗୀ ଏମାନେ ସ୍ୱଭାବିକ ଚାଲିବ ସମ୍ଭବ ନୁହଁ। ଏ କିଳିକିଳା ରଡ଼ିକୁ ଘୋଡ଼ା ଝପଟା ବେଗରେ ସେମାନେ ମନ୍ଥର ପାରି ହେବା ବେଳେ ଏମାନଙ୍କ ମୁଣ୍ଡରେ ଆସେ ଦେଖ ଏମାନଙ୍କୁ କପରି ଯମଯନ୍ତ୍ରଣ ଦେଉଛି। ଆମକୁ ଏମିତି କରାଇପାରେ ନା ଆଉ ନୁହଁ ତାର ସବୁ ଦିଗକୁ ଆମର ଆଜ ଦିନଯାତ୍ରା ଚାଲିଛି। ପାର୍ଟି ଚାଲିଛି ରେ ରେ ଯଜମ ଲଲକାର ଚାଲିଛି। ଏମିତି ବେଳେ ଜଣେ ଅତିବୃଦ୍ଧ ବାଡ଼ିଧରି ନଇଁ ନଇଁ ରାସ୍ତା ଅତିକ୍ରମ କଲାବେଳେ ଏ ତିନିଙ୍କର ଦୃଷ୍ଟିରେ ଆସିଗଲେ। ଏମାନେ ଘୋଡ଼ା ଅଟକାଇ ସେ ବୃଦ୍ଧକୁ ପଚାରିଲେ ହେ ବୁଢ଼ା କହତ ଦେଖି ତୁ ଯମକୁ ଦେଖିଛୁ ବୁଢ଼ା ଜାଣିଲା ଏମାନେ ଉଦଭ୍ରାନ୍ତ ମଦ୍ୟପ ଅସ୍ତ୍ରଧାରୀ ଯୁବକ ଏମାନଙ୍କର ସପକ୍ଷ କଥା ନକହିଲେ ପ୍ରାଣ ସଂଶୟ ହୋଇପାରେ, ଅଥଚ ରକ୍ଷା ପାଇବା ପାଇଁ ଏକ ଦୂରପଥର ଠିକଣା କହି ଖସିଯିବା ଭଲ। ବୁଢ଼ା କହିଲେ ମହାଭାଗ ବାବୁମାନେ ମୁଁ ଦେଖି ଆସିଲି ମୋର ପଛପଟ ପଥରେ ବହୁ ଦୂରରେ ଏକ ଆମ୍ବତୋଟା ଅଛି ସେଠାରେ ଯମ ତାଙ୍କର ପାରିଷଦଙ୍କ ସହିତ ବସି କଣ ଆଲୋଚନା କରୁଛନ୍ତି। ହଉରେ ବୁଢ଼ା ଆମେ ଯାଉଛୁ ଯମକୁ ମାରିବାକୁ ତୁ ଏ ଯମର ହାନିରେ ମରଣ ଚିନ୍ତାରୁ ନିଶ୍ଚେ ମୁକ୍ତ ହେବୁ ଆମେ ତେବେ ଆସୁଛି।

ମାର୍ଗୀ ହେଲେ ମଦ୍ୟପ ତ୍ରୟ ବୃଦ୍ଧ ଦର୍ଶିତ ପଥରେ କିଛି ବାଟ ଯାଇ ଆମ୍ବତୋଟାରେ ପହଞ୍ଚିଲେ। ସେତେବେଳେ ଅଶ୍ୱାରୋହୀ ପୋଲିଶ ଅପରାଧି ନିୟନ୍ତ୍ରଣ ଶାନ୍ତିରକ୍ଷା ପାଇଁ ସେ ଆମ୍ବତୋଟାରେ ଏକ ଡକାୟତି ଗ୍ୟାଙ୍ଗ ଏକାନ୍ତ ମନେକରି ଲୁଣ୍ଠିତ ଧନ ଅଳଙ୍କାର ସୁନା ଗଦାକରି ନିଜ ନିଜ ମଧ୍ୟରେ ବାଣ୍ଟିନେବା ପାଇଁ ମସୁଧା ଚଳାଇବା ପାଇଁ ମସୁଧା କଲାବେଳେ ଘୋଡ଼ା ଟାପୁ ଶବ୍ଦରେ ସେ ସ୍ଥାନ ଛାଡ଼ି ପଳାଇଲେ ମାତ୍ର ଲୁଣ୍ଠିତ ଦ୍ରବ୍ୟ ସେଠାରେ ପଡ଼ିରହିଗଲା। ଏ ମଦ୍ୟପ ବାପୁଡ଼ା ମାନେ ଧନ ଦେଖି ଭେଲ ହେଲେ ଧନକୁ କେମିତି ଭୋଗ କରିବେ ଏଇ ଭାବନାରେ ଆସିଗଲେ। ବେଳକୁ ବେଳ ଧନତୃଷ୍ଣା ବଢ଼ିଲା ତେବେ ଆହୁରି ପାନ କରି ଏ ଧନକୁ ତିନି ଜଣ ବାଣ୍ଟିବା ଭାବନାରେ ଆସିଗଲେ। ପ୍ରଥମେ ଆହୁରୀ କିଛି ପିଇବା ଆବଶ୍ୟକ ଗଢ଼ା ବିଲାତି ମାଲ ପିଇବା ଆବଶ୍ୟକ। ଧୃତ ପଇସାରେ ଏକ ମୋଟ ଭାଗକୁ ଏକ ଜଣ ଅଂଶିଦାରକୁ ଦେଇ ବଜାରରୁ ମାଲ ପାଇଁ ପଠାଇ ଆଉ ଦୁଇଜଣ ଧନ ଜଗି ରହିଲେ। ଯେ ଜଗିରହିଲେ ମୁଣ୍ଡ ଆସିଲା ଏ ଧନ ତିନିଭାଗ ନକରି ଏଇ ଦୁଇଜଣ ନିଜ ଭିତରେ ବାଣ୍ଟିନେଲେ ଅଧିକ ଧନ ଭାଗ ମିଳିଯାଆନ୍ତା। ଅତଏବ ଚିନ୍ତାର ଶେଷ ପରିଣତି ତାଙ୍କର ଶେଷ ପରିଣତି ହେଲା ସେ ମଦ୍ୟ ନେଇ ଆସିଲେ ତିନିପାତ୍ର ପରସ୍ପର ସ୍ପର୍ଶ କରି ପାନ ପରେ ତାକୁ ଖଣ୍ଡା ଭୁଷି ମାରିଦେଇ ଭାଗ ଦ୍ୱିଭାଗ କରି ନେବେ। ଯେ ବଜାର ଯାଇଥିଲା ତା ମୁଣ୍ଡକୁ ଆସିଲା ମୁଁ ଏ ଧନର ଏକା ଅଧିକାରୀ କାହିଁକି ହୋଇପାରିବି ନାହିଁ। ଏ ପାଇଁ ଛଳନାରେ ସେ ଦୁଇଜଣଙ୍କ ମଦରେ ବିଷ ମିଶାଇ ଦେଇ ତାଙ୍କୁ ଅନ୍ତଃ କରିବା ବୁଦ୍ଧି ପ୍ରକଟ ହେଲା। ପର ଅବସ୍ଥାରେ ମଦ୍ୟପାନ କରିବାରେ ବିଷାକ୍ତ ମଦ୍ୟ ପ୍ରକ୍ରିୟାରେ ଦୁଇଜଣ ଖଣ୍ଡା ଭୂଷାରେ ଏକ ଜଣ ସେଠାରେ ଟଳି ପଡ଼ିଥିଲେ। ଅତଏବ ଏମାନେ ଯଥାର୍ଥରେ ସେମାନେ ଯମ ପଥରେ ଆସି ଯମଙ୍କୁ ହିଁ ଭେଟିଥିଲେ। କପଟ ଗୋଷ୍ଠୀ ଜୀବନରେ ଜଣେ କରିଲେ ଅନ୍ୟମାନେ ହିଁ ତାହା କରିବାରୁ କ୍ଷାନ୍ତ ନଥିବେ ଏହା ସବୁବେଳେ ବୁଝିବା ଦରକାର ଏହାହିଁ ଯମ ପଥର ଯାତ୍ରା।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଚାନ୍ଦା ମାଗି ଚଳୁଥିବା ହାତୀ ଓ ଅନ୍ୟମାନେ



ନିରଞ୍ଜନ ସାହୁ

ଆଜିକାଲି ହ୍ୱାଟ୍‌ସଆପ ଯୋଗେ ବହୁ ପ୍ରସାରିତ ହେଉଥିବା କିଛି ମଜାଦାର ଭିଡ଼ିଓ ପୁନର୍ବାର ଟି.ଭିମାନଙ୍କ ଦ୍ୱାରା ପ୍ରସାରିତ ହେଉଛି । ପୁନଃ ପ୍ରସାରଣ ଲୋକପ୍ରିୟତାର ସଙ୍କେତ ବହନ କରେ । ଏମିତି ବୃତ୍ତଚିତ୍ରଟିଏ ନଜରକୁ ଆସିଲା ମୋର । ଏବେବି ଆଖିରେ ଲାଖିଯାଇଛି ସେଇ ଘଟଣା । ରାସ୍ତାଟିଏ ବ୍ୟାପିଯାଇଛି ଅରଣ୍ୟରୁ ଗ୍ରାମାଞ୍ଚଳକୁ । ମଧ୍ୟେ ମଧ୍ୟେ ତା ଉପରେ ଆତଯାତ ହେଉଥାନ୍ତି କିଛି ଯାନ ବାହନ । ସମ୍ଭବତଃ ଜଙ୍ଗଲ ଆର ପାରିରେ ଅନ୍ୟ ଏକ ଜନବସତି । ଗୋଟିଏ ହାତୀ ମାଡ଼ି ଆସିଲା ରାସ୍ତା ପାଖକୁ । ଛୋଟ ମୋଟ ଗାଡ଼ିମାନେ ଭୟରେ ଶଙ୍କିଗଲେ; ମାତ୍ର ସେ ମୁହଁ ବୁଲେଇ ଦେଲା ଅର୍ଥାତ ସେମାନଙ୍କ ଆଡ଼କୁ ତା'ର ନିଘା ନାହିଁ । ସେମାନେ ଚଳପ୍ରଚଳ କଲେ ପୂର୍ବପରି । ଏତିକି ବେଳେ ମାଡ଼ି ଆସୁଥିଲା ଗୋଟାଏ ଆଖୁ ଭର୍ତ୍ତି ଟ୍ରକ୍ । ହାତୀଟି ପୁରୁଣା ଗ୍ରାହକ ପରି ଠିଆ ହୋଇଗଲା ଟ୍ରକ୍ ଆଗରେ । ଟ୍ରକ୍ ଡ୍ରାଇଭର ଅଗତ୍ୟା ବ୍ରେକ୍ କସିଲା । ହାତୀଟି ଏବେ ଟ୍ରକ୍‌ର ସମ୍ମୁଖରୁ କଡ଼କୁ ଘୁଞ୍ଚି ଆସିଲା । ତା'ର ଥୋଡ଼ ପାହାଡ଼ ପ୍ରସାରିତ କରିଦେଲା ଟ୍ରକ୍ ଉପରେ ବନ୍ଧା ହୋଇ ଥୁଆ ହୋଇଥିବା ଆଖୁବିଡ଼ାକୁ । ଗୋଟିଏ ଥରରେ ଯେତିକି ପାରିଲା ଆଖୁଦଣ୍ଡ ସେତିକି ଟାଣି ଆଣିଲା । ତାପରେ ଗାଡ଼ି ଚାଲିଲା ତା ବାଟରେ ଆଉ ହାତୀ ଚୋବେଇ ଚାଲିଥାଏ ଆଖୁଗୁଡ଼ିକୁ । ପୁଣି କିଛି ସମୟ ପରେ ଆଉ ଗୋଟିଏ ଆଖୁ ଭର୍ତ୍ତି ଟ୍ରକ୍ । ପୂର୍ବ ଘଟଣାଟି ପୁନର୍ବାର ଅଭିନୀତ ହେଲା । ଏହାକୁ ତୀର୍ଯ୍ୟକ୍ କରି କେହି କହୁଥାନ୍ତି – ଶ୍ରେୟଃ କି ବେଳ ହେଲା ଦେଖ ହାତୀ ବି ଚାନ୍ଦା ମାଗି ଚଳୁଛି !

ହାତୀ ଆଉ ଚାନ୍ଦା ମାଗିବନି ତ ଚଳିବ କେମିତି ଯେ ! ଆମେମାନେ ତ ଯାବତୀୟ ବାହାନା କରି ତା'ର ବସତିକୁ ସଂକୁଚିତ କରି ଚାଲିଲେ, ଆଜି ଆମର ରାସ୍ତା ସଂପ୍ରସାରଣ ଦରକାର, କାଲି ଆମର ଜଙ୍ଗଲ ଭିତରେ ଖଣିର ସନ୍ଧାନ ମିଳିଲାଣି ସେଠାରୁ ମୂଲ୍ୟବାନ ଖଣିଜ ଉତ୍ତୋଳନ ହେବ ଆଉ କେତେବେଳେ ଚାଷଜମିର ଆବଶ୍ୟକତା ପଡ଼ିଲାଣି ଜଙ୍ଗଲ ନ କାଟିଲେ ମଣିଷର ଖାଦ୍ୟ ଅଭାବ ପଡ଼ିବ, ଏମିତି କେତେ କାରଣ ସହଜରେ ମିଳିଯିବ । ଆଉ ହାତୀ ବାରଦ୍ୱାର ବୁଲି ଖାଇବାକୁ ନ ମାଗିଲେ ଚଳିବ କେମିତି ଯେ !

ଆଗରୁ ରାଜାମାନେ ଯାହାକୁ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଦେଖୁଥିଲେ ତାଙ୍କ ସହିତ ଛଳ ମିତ୍ରତା କରି ତାଙ୍କୁ ହାତୀ ଉପହାର ଦେଉଥିଲେ । ରାଜାଙ୍କଠାରୁ ହାତୀ ଉପହାର ପାଇଥିବା ଲୋକ ବେଶ୍ ଖୁସି ହେଉଥିବେ ରାଜାଙ୍କ ମିତ୍ର ଭାବରେ ତାଙ୍କର ନବ୍ୟମିତ୍ରତାଙ୍କୁ ମନେ ପକେଇ, ହେଲେ ହାତୀ ପାଇଁ ଖାଦ୍ୟ ଯୋଗାଣ ପାଇଁ ତାଙ୍କୁ ନୟାନ୍ତ ହେବାକୁ ପଡ଼ିବ ଆଉ ତାଙ୍କର ସମ୍ବଳର ମୁଖ୍ୟଭାଗ ଖର୍ଚ୍ଚ ହୋଇଯିବ ତା' ପାଇଁ ଖାଦ୍ୟ ଯୋଗାଡ଼ କରୁ କରୁ । ହାତୀର ଚାନ୍ଦା ମଗା ଏକ ସ୍ୱାଭାବିକ କଥା ହେଲେ ବି ଆମକୁ ଅସ୍ୱାଭାବିକ ଦେଖାଯାଉଛି; ମାତ୍ର ଆମେ ଭୁଲିଯାଇଛନ୍ତି ଯେ ଚାନ୍ଦା ନେବା ଓ ଚାନ୍ଦା ଦେବା କେମିତି ଅନେକ ଦିନରୁ ଆମର ସଭ୍ୟତା ଓ ସଂସ୍କୃତିର ଅଂଶ ପାଲଟି ଯାଇଛି ।

ଆଉ କିଛିଦିନ ପରେ ଆସିଯିବ ଗଣେଶ ପୂଜା । ଛକ ଛକରେ ଗଣେଶଙ୍କ ମୂର୍ତ୍ତି ଆଉ ସାଜସଜ୍ଜା ଶୋଭା ପାଇବ । ଦିନେ ପାଠଶାଠରେ ମୁଣ୍ଡ ପୂରେଇ ନଥିବା ସାହିଟୋକାମାନେ ନେତୃତ୍ୱ ନେବା ପାଇଁ ଉହୁଙ୍କି ଆସିବେ । ଗଣେଶଙ୍କ ମେଢ଼ ପାଇଁ ସାହି ବାସିନ୍ଦାଙ୍କ ଠାରୁ ଚାନ୍ଦା ମଗାଯିବ । ଭଡ଼ାଟିଆଙ୍କୁ ଅଧିକ ଚାନ୍ଦାଭେଦା । ମଝିରେ ମଝିରେ ପୋଲିସ୍ ଗାଡ଼ି ବୁଲିବ ପ୍ରଚାର କରି ଯେ ଚାନ୍ଦା ଦିଅନ୍ତୁ ନାହିଁ କହି କହି, ହେଲେ ଆପଣଙ୍କ ପରି ସମଝଦାର ଲୋକେ ଠିକ୍ ବୁଝିଛନ୍ତି ଏହି ପ୍ରଚାରଗାଡ଼ି ଖାଲି ଲୋକଦେଖାଣିଆ । ସେମାନେ କ'ଣ ଆପଣଙ୍କ ଅସୁବିଧା ବେଳେ ଠିଆ ହେବେ । ଦାଦାମାନଙ୍କ ସହିତ ସେମାନଙ୍କର ଅଲିଖିତ ସନ୍ଧି ହୁଏତ ଥାଇପାରେ । କିଏ କାହିଁକି ସାହି ଦୁର୍ଦ୍ଦାନ୍ତମାନଙ୍କ ସହିତ ଶତ୍ରୁତା ଆଚରଣ କରିବ ! ଇଚ୍ଛା ବିରୁଦ୍ଧରେ ଆପଣ ଚାନ୍ଦା ଦେବେ । ଅବଶ୍ୟ ଆୟୋଜନକାରୀ ନେତୃମଣ୍ଡଳୀ ଆପଣଙ୍କୁ ଛୋଟ ଭୋଗ ପ୍ୟାକେଟ୍‌ଟିଏ ଦେବାରେ କାର୍ପଣ୍ୟ କରିବେନି !

ସହରର ଗଳିକନ୍ଦିରେ ରାସ୍ତାକଡ଼ରେ ଯେଉଁ ଚା ଦୋକାନ ଅଛି, ଯେଉଁ ବରା ଦୋକାନ ଅଛି ସେମାନେ କଣ ଖାଲି ମ୍ୟୁନିସ୍‌ପାଲିଟିକୁ ଦେୟ ଦେଇ ଦୋକାନ ଖୋଲିଛନ୍ତି ! ମ୍ୟୁନିସ୍‌ପାଲିଟିର ଛୋଟମୋଟ କର୍ମଚାରୀଙ୍କୁ ଚାନ୍ଦା ଦେବାକୁ ବାଧ ସେମାନେ, ତା' ସହିତ ସେଇ ଅଞ୍ଚଳର କୁଖ୍ୟାତ ଦାଦାକୁ । ତା ନ ହେଲେ ଗୋଟେ ଦିନ ବି ତିଷ୍ଠିବ ନାହିଁ ତାଙ୍କର ଚା ଦୋକାନର ଚାଳିଟି । କୌଣସି ସରକାରୀ କୋର୍ଟ କଚେରୀର ଆଦେଶକୁ ଅପେକ୍ଷା କରିବ ନାହିଁ ତାଙ୍କର ଉଚ୍ଛେଦ ପ୍ରକ୍ରିୟା । ଏକଦା ବହୁଦିନ କ୍ଷମତାରେ ଥିବା ଗୋଟିଏ ଦଳର ଶାସନରେ ପଶ୍ଚିମବଙ୍ଗରେ କିପରି ଚାନ୍ଦା ଆଦାୟ ହେଉଥିଲା ତାହା ବର୍ଣ୍ଣନା କରୁଥିଲେ ଜଣେ ଅଧିବାସୀ ନିଜ ଅଭିଜ୍ଞତାରୁ । ପାର୍ଟି ତରଫରୁ କର୍ମକର୍ତ୍ତାମାନଙ୍କୁ କିଛି କୁପନ ଦିଆଯାଏ ବିକ୍ରି କରିବାକୁ ମାସିକ । ଧରନ୍ତୁ ଜଣେ ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ଦଶଟି କୁପନ ମାସିକ ବିକିବାର କ୍ଷମତା ଦିଆଯାଇଛି । ପ୍ରତି କୁପନର ଦାମ୍ ଧରନ୍ତୁ ହଜାରେ ଟଙ୍କା । ଅର୍ଥାତ୍ ସେ ମାସିକ ଦଶ ହଜାର ଟଙ୍କାର କୁପନ ବିକିପାରିବେ । ସେଥିରୁ ପାଞ୍ଚ ହଜାର ନିଜେ ଚଳିବେ ଆଉ ପାଞ୍ଚ ହଜାର ଦଳଫଣ୍ଡକୁ ପଠାଇବେ । କହିବା ବାହୁଲ୍ୟ ପାର୍ଟି କମ୍ରେଡ୍ ଯାହାକୁ ସେଇ ଅଞ୍ଚଳରେ କୁପନଟି ଦେବାକୁ ଚାହିଁବେ ସେ ଅଚିରେ ତାହା କିଣିବେ । ନହେଲେ ଏପରି ପରିସ୍ଥିତି ସୃଷ୍ଟି ହେବ ଯେ ସେ ଦିନଟିଏ ସେଇ ଅଞ୍ଚଳରେ ରହିବା ମୁସ୍କିଲ ହୋଇ ପଡ଼ିବ । ଠିକ୍ ସେଇମିତି ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପ୍ରତିନିଧିମାନଙ୍କୁ କୁପନ ବିକିବାର ଅଧିକାର ଦିଆଯାଇଥାଏ । ଏହି କ୍ରମରେ ପୂର୍ଣ୍ଣକାଳୀନ ଲୋକେ ମିଳିଯାନ୍ତି ପାର୍ଟି କାମ କରିବାରେ ଏବଂ ଦଳ ପାଇଁ ପାଣ୍ଠି ଯୋଗାଣ ପାଇଁ ଆଉ ବ୍ୟସ୍ତ ହେବାକୁ ପଡ଼େ ନାହିଁ । ପୂରା ସଂଗଠନ ଏହି ଉପାୟରେ ଚାଲୁଥିଲା ବୋଲି ମୋର ବଙ୍ଗବାସୀ ବନ୍ଧୁ ଜଣେ ନିଜର ପରିଚୟ ଗୋପନ ରଖିବା ସର୍ତ୍ତରେ ମୋତେ କହିଥିଲେ ।

ଏହି ପ୍ରକ୍ରିୟାଟି କେବଳ ପଶ୍ଚିମବଙ୍ଗରେ ଚାଲୁଥିଲା ଏବଂ ଏବେ କେଉଁଠି ଚାଲୁନାହିଁ ତାହା କ'ଣ କେହି କହିପାରିବେ ! ସବୁ ରାଜନୈତିକ ଦଳ ନିଜର ଦଳୀୟ ପାଣ୍ଠି ବଢ଼େଇବାରେ ବ୍ୟସ୍ତ ଆଉ ଯିଏ ଚାନ୍ଦା ଦେଇ ନ ପାରିଲା ବା ଯୋଗାଡ଼ କରି ନ ପାରିଲା ତା ଜୀବନ ଦୁର୍ବିସହ ! ଯେତେ କଣ୍ଟ୍ରାକ୍ଟର ଠିକାଦାର କାମ କରୁଛନ୍ତି ସେମାନେ ଚାନ୍ଦା ଦେଇ ଦେଇ ଅସହାୟ ପାଲଟି ଗଲେଣି । ଖାଲି ବିଭାଗୀୟ କର୍ମକର୍ତ୍ତା ନୁହେଁ ଯେତେ ରାଜନୈତିକ କର୍ମୀଠାରୁ ତୁଙ୍ଗନେତା ପର୍ଯ୍ୟନ୍ତ ସମସ୍ତଙ୍କର ଅଧିକାର ସେଥିରେ । ତେଣୁ କାମର ମାନ ନ୍ୟୁନ ହେଉଛି ବୋଲି ଯେତେ ଚିତ୍କାର କଲେ ବି ତା'ର କ'ଣ କିଛି ନିରାକରଣ ଅଛି କି ? ଏକଦା ଭାରତର ଜଣେ ପ୍ରଧାନ ମନ୍ତ୍ରୀ ତ କହିଥିଲେ ସେ ଗୋଟିଏ ଟଙ୍କା ଦିଲ୍ଲୀରୁ ପଠେଇଲେ କ୍ଷେତ୍ରରେ କାମ ହେଉଛି ମାତ୍ର କୋଡ଼ିଏ ପଇସାର । ବାକୀ ଯେଉଁ ଅଶୀ ପଇସା ବାଟମାରଣା ହେଉଛି ତାହା – ଏଇ ବାଟମାରଣାର ଅର୍ଥ ହେଲା ବିଭିନ୍ନ ସ୍ତରରେ ଦିଆଯାଉଥିବା ଚାନ୍ଦା । କେତେବେଳେ ଅତିଥିଙ୍କ ଅଭ୍ୟର୍ଥନା ପାଇଁ ଖର୍ଚ୍ଚ ହେଉଥିବା ଦେୟ ତ କେତେବେଳେ ତାଙ୍କୁ ଅର୍ପଣ କରାଯାଉଥିବା ଉପହାର ।

ବିଭିନ୍ନ ରାଜନୈତିକ ଦଳ ନେଉଥିବା ଚାନ୍ଦା ବିଷୟରେ ବେଳେ ବେଳେ ଚର୍ଚ୍ଚା ହୁଏ, ସମ୍ବାଦର ଶିରୋନାମା ମଣ୍ଡିତ ହୁଏ ସେଇ ଖବରରେ; ମାତ୍ର ବାସ୍ତବତା ହେଉଛି ଯାହା ପ୍ରକାଶିତ ହୁଏ ତାହା ଇଂରାଜୀରେ କୁହାଯାଉଥିବା ଷ୍ଟସକ୍ସ କ୍ଲଲ ଷ୍ଟଷର ସମରଭରଦ୍ୱଶ ବା ବିଶାଳ ତୁଷାର ପର୍ବତର ଦୃଶ୍ୟମାନ କ୍ଷୁଦ୍ରାଂଶ କେବଳ ! କ୍ରମେ କ୍ରମେ ସାଧାରଣ ଲୋକେ ଗରିବ ପାଲଟି ଯାଉଥିବା ବେଳେ ଦଶଭାଗ ଲୋକଙ୍କ ପାଖରେ ନବେ ପ୍ରତିଶତ ସମ୍ପତ୍ତି ଭଳି ସମ୍ବାଦ ଯେତିକି ପୀଡ଼ାଦାୟକ ସେତିକି ଭୟଙ୍କର ସତ୍ୟ ହେଉଛି ରାଜନୈତିକ ଦଳ ବିଶେଷତଃ କ୍ଷମତାସୀନ ଦଳମାନେ ଖୁବ୍ ଶୀଘ୍ର ଅଧିକ ଧନାଢ଼୍ୟ ତାଲିକାରେ ସ୍ଥାନ ପାଉଛନ୍ତି । ଥରେ ଜଣେ ବିଦେଶୀ ଅତିଥି ଜଣେ ଭାରତୀୟ ରାଜନେତାଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ତାଙ୍କର ରାଜକୀୟ ଚଳଣି ଦେଖି ଆଶ୍ଚର୍ଯ୍ୟ ହେଉଥାନ୍ତି ଅତିଥି। ବ୍ୟକ୍ତିଗତ ବନ୍ଧୁତା ହେଲାପରେ ସେ ପଚାରିଲେ ଆପଣ ସରକାରୀ ଭାବରେ ଯାହା ପାଆନ୍ତି ସେଥିରେ ଏତେ ବଡ଼ ଅଟ୍ଟାଳିକା ଆଉ ଚଳଣୀ କିପରି ସମ୍ଭବ ହେଉଛି ? ଦ୍ୱିତଳ ପ୍ରାସାଦର କାଚଝର୍କାରୁ ଅତିଥିଙ୍କୁ ଦେଖେଇ ଦେଲେ ରାଜନେତା ବହୁ ଦୂରରେ ଦିଶୁଥିବା ଏକ ପୋଲ୍‌କୁ, ଆଉ କହିଲେ ଏପରି ବଡ଼ ବଡ଼ ନିର୍ମାଣରେ ଶତକଡ଼ା ଦଶଭାଗ ଆମ ପାଖକୁ ଚାଲିଆସେ ଆପେ ଆପେ । ଅତିଥି ଭାରି ଆପ୍ୟାୟିତ ହେଲେ । ତା'ର କିଛି ବର୍ଷ ପରେ ଭାରତୀୟ ନେତା ପୂର୍ବୋକ୍ତ ବ୍ୟକ୍ତିଙ୍କ ଅତିଥି ହୋଇଥାନ୍ତି – ସେତେବେଳେ ସେ ସେଠାକାର ରାଜନେତା । ମାତ୍ର ନେଉଥାନ୍ତି ମାସିକ ଏକଟଙ୍କା ସେ ଦେଶର ମୁଦ୍ରାରେ । ଆମ ରାଜନେତା ଭାରି ଆଶ୍ଚର୍ଯ୍ୟ ହେଉଥାନ୍ତି ତାଙ୍କର ସାମ୍ରାଜ୍ୟ ଦେଖି । ପଚାରି ଦେଲେ ଆପଣ କିପରି ସମ୍ଭାଳୁଛନ୍ତି ଏତେ ବଡ଼ ସାମ୍ରାଜ୍ୟ । ନେଉଛନ୍ତି ମାତ୍ର ଏକ ଟଙ୍କା । ତହୁଁ ସେ ବାହାରକୁ ଅନେଇଲେ ଆଉ ଦେଖେଇଦେଲେ ଶୂନ୍ୟକୁ କହିଲେ ଏଇ ବ୍ରିଜ୍‌ଟି ଦେଖିପାରୁଛନ୍ତି । ଅତିଥି ଚଷମା ପୋଛିଲେ ତାଙ୍କୁ କିଛି ଦିଶୁନଥାଏ । ତାଙ୍କର ଭ୍ରମ ଦୂର କରି ସେ ବୁଝାଇ ଦେଲେ ଏଇ ପ୍ରକଳ୍ପ ଏକ କାଳ୍ପନିକ ପ୍ରକଳ୍ପ ଏଥିରେ ମୁନାଫା ଶହେ ପ୍ରତିଶତ । ଚାନ୍ଦା କିପରି ଦିନକୁ ଦିନ ବଢ଼ି ଚାଲିଛି ଏବଂ ପ୍ରସାରିତ ହୋଇ ଚାଲିଛି ତାର ଅବୟବ ସେଇଥିପାଇଁ ହୁଏତ ଏ ଗପଟିଏ।

'ନିଆଁଖୁଣ୍ଟା'ର ସଂପାଦକ ଗୋଦାବରୀଶ ମହାପାତ୍ର ତାଙ୍କର ଏକ ସଂକଳନରେ ଚାନ୍ଦା ସର୍ବଗ୍ରାସୀ ରୂପରେ ବିମୁଗ୍ଧ ହୋଇ ଲେଖିଥିଲେ –

'ଭସାଅ ପରାଣ ମୋର ଚାନ୍ଦାହୀନ ତବ ପ୍ରେମ ସ୍ରୋତେ ?'

ଚାନ୍ଦାର ବହୁବିଧ ରୂପ ଓ ପ୍ରକରଣରୁ କ'ଣ ଆମେ ସତରେ ମୁକ୍ତି ପାଇବା ? ଲୋଚନାଭ୍ୟାଂ ବିହିନସ୍ୟ ଦର୍ପଣ କିଂ କରିଷ୍ୟତି ?"

*(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ)*
*ଦୂରଭାଷ : ୯୪୩୮୪୮୨୯୧୧*

# ସନାତନ ଧର୍ମ ଓ ଆଧ୍ୟାତ୍ମିକ ସତ୍ୟ



ସୁରେନ୍ଦ୍ରନାଥ ଭୂୟାଁ

ମନୁଷ୍ୟ ପାଇଁ ଅତ୍ୟନ୍ତ ହିତକର ଆଧ୍ୟାତ୍ମିକ ସାଧନାର ମାର୍ଗ ପ୍ରାଚୀନ ଭାରତର ମହାନ୍ ଗ୍ରନ୍ଥମାନଙ୍କରେ ସରଳ ଓ ମଧୁର ଭାବରେ ନିର୍ଦ୍ଧାରିତ ହୋଇଛି। ସେଗୁଡ଼ିକ ଏହି ବିଶ୍ୱରେ ଅନ୍ତର୍ନିହିତ ଦିବ୍ୟ ତତ୍ତ୍ୱକୁ ଆଦର୍ଶ ଓ ଉପଦେଶ ମାଧ୍ୟମରେ ବୁଝାନ୍ତି ଏବଂ ଭଗବାନଙ୍କ କୃତି ଓ ତାଙ୍କର ଅପରିମେୟ ଲୀଳାକୁ ଭୀତି ଓ ଶ୍ରଦ୍ଧାର ସହିତ ଚାହିଁବା ପାଇଁ ମାନବ ଜାତିକୁ ପ୍ରେରଣା ଦିଅନ୍ତି। ସେଗୁଡ଼ିକ ମନୁଷ୍ୟକୁ ସାଧୁମାନଙ୍କର ସୁଖ ସଙ୍ଗତିରେ ତ୍ୟାଗର ତୀର୍ଥଯାତ୍ରାରେ ଅଗ୍ରସର ହେବା ପାଇଁ ପ୍ରେରଣା ଦିଅନ୍ତି ଯଦ୍ୱାରା ଶରୀର ନଷ୍ଟ ହେବା ପୂର୍ବରୁ ନିତ୍ୟର ଦର୍ଶନ ଲାଭ କରିବାକୁ ହେବ ଓ ଚିରଦିନ ପାଇଁ ହୃଦୟରେ ମୁଦ୍ରିତ କରିହେବ। ତତ୍ (ତାହା) ଶବ୍ଦଟି ଏକ ଦୂରସ୍ଥ ବସ୍ତୁକୁ ସୂଚିତ କରେ। ଅର୍ଥାତ୍ ତୁମେ କୌଣସି ଦୂରସ୍ଥ ବସ୍ତୁକୁ ଦେଖାଉଛ। ତ୍ୱମ୍ ହେଲା ତୁମେ। ଏହା ତୁମ ନିଜର ନିକଟତମ। ତୁମେ ନିଜକୁ ସବୁଠାରୁ ବେଶି ଜାଣ; ବର୍ତ୍ତମାନ ତୁମକୁ ଯାହା ଜାଣିବାକୁ ହେବ ତାହା ହେଲା 'ତୁମେ' ଓ 'ତାହା' ଏକ। କେବଳ ଏକ ଅଛି, ଦୁଇ ନାହିଁ। ଏହାକୁ 'ବୁଦ୍ଧିଗ୍ରାହ୍ୟଂ ଅତୀନ୍ଦ୍ରିୟମ୍'; ବୋଲି କୁହାଯାଇଛି ବୁଦ୍ଧି ଦ୍ୱାରା ବୁଝି ହେବ, ସ୍ପର୍ଶ, ଶ୍ରୋତ୍ର, ଦର୍ଶନ, ସ୍ୱାଦ ଓ ଘ୍ରାଣ ଆଦି ଇନ୍ଦ୍ରିୟ ମାନଙ୍କ ଦ୍ୱାରା ନୁହେଁ। ଶ୍ରୀ ଭେଙ୍କଟେଶ୍ୱରଙ୍କୁ ସପ୍ତଗିରିର ପ୍ରଭୁ ବୋଲି କୁହାଯାଏ। ତାଙ୍କ ମନ୍ଦିର ସପ୍ତମ ଗିରିରେ ଅଛି ଏବଂ ତାଙ୍କ ପାଖରେ ପହଞ୍ଚିବା ପାଇଁ 'ଛ'ଟି ଗିରି ଅତିକ୍ରମ କରିବାକୁ ହେବ। ଏହା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ – ଷଡ଼ରିପୁର ପ୍ରତୀକ। ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ପୂର୍ବରୁ ଏହି ରିପୁମାନଙ୍କୁ ଅତିକ୍ରମ କରି ସେଗୁଡ଼ିକୁ ପଛରେ ଛାଡ଼ିଯିବାକୁ ହେବ। ଭକ୍ତିର ପୋଷାକ ଓ ବଚନ ସହିତ କିଛି ସମ୍ପର୍କ ନାହିଁ। କେବଳ ପୋଷାକ ଓ ଧର୍ମପରାୟଣତାର ଅଭିବ୍ୟକ୍ତିକୁ ଆଧାର କରି ଆମେ ଜଣେ ଲୋକକୁ 'ଭଗବାନଙ୍କର ଭକ୍ତ' ବୋଲି କହିପାରିବା ନାହିଁ। ଭକ୍ତି ବାହ୍ୟ ବ୍ୟବହାର ବା ଆଚରଣ ଅପେକ୍ଷା ଆନ୍ତରିକ ଚୈତନ୍ୟ, ଭାବନାର ବିଷୟ ଅଟେ। ଯେଉଁଠାରେ ଧୂଆଁ ଥାଏ, ସେଠାରେ ନିଆଁ ଥିବ ବୋଲି ଆମେ ଅନୁମାନ କରୁ। କିନ୍ତୁ କେତେକ ପ୍ରକାର ନିଆଁ ଅଛି ଯେଉଁଥିରୁ ଧୂଆଁ ବାହାରେ ନାହିଁ। ଯଦିଓ ଏପରି ଧୂଆଁ ନାହିଁ, ଯାହା ନିଆଁରୁ ନ ବାହାରେ। ଭାବନା ବିନା କାର୍ଯ୍ୟ କରାଯିବାର ସମ୍ଭାବନା ଅଛି; କିନ୍ତୁ ସବୁ ଭାବ ବାହ୍ୟ ପ୍ରଦର୍ଶନ ଦ୍ୱାରା ନିଶ୍ଚୟ ପ୍ରକଟ ହେବ ବୋଲି ତୁମେ କହିପାରିବ ନାହିଁ। ଏପରିକି ଜାକଜମକ ଓ ବାହ୍ୟ ପ୍ରଦର୍ଶନ ବିନା ଆନ୍ତରିକ ଭାବ ରହିବା ସମ୍ଭବ। ଶୁଦ୍ଧ ଭାବନା ହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯଦି ଜଣେ ପ୍ରକୃତରେ ପ୍ରଗତି ପାଇଁ ଅଭିଳାଷ କରୁଥାଏ ତେବେ କେବଳ ଜାକଜମକପୂର୍ଣ୍ଣ ବାହ୍ୟ କାର୍ଯ୍ୟକଳାପ ପ୍ରଗତି ପାଇଁ ହାନିକାରକ ଅଟେ। ବେଦମାନଙ୍କରେ ସମଗ୍ର ବିଶ୍ୱକୁ ବିଷ୍ଣୁଙ୍କ ଶରୀର ଭାବରେ ଚିତ୍ରିତ କରାଯାଇଛି। ଆଉ ଭାରତ ହେଉଛି ବିଶ୍ୱର ଆଖି, କାରଣ ସମୟ ପ୍ରସଙ୍ଗରେ ତାର ବିଶ୍ୱ ଦୃଷ୍ଟି ସବୁଠାରୁ ଠିକ୍। ପୁଅ ପରିବାରର ସମ୍ମାନ ରକ୍ଷା କରୁ ବୋଲି ମାତା ଚାହାନ୍ତି; ପୁଅ ମାତା ଓ ପିତାଙ୍କର ସୁନାମ ରକ୍ଷା କରିବା ଉଚିତ। ତେଣୁ ପ୍ରତ୍ୟେକ ଭାରତୀୟକୁ ଏହି ଦେଶର ଋଷିମାନେ ଅନ୍ୱେଷଣ ଓ ଆବିଷ୍କାର କରିଥିବା ଆଧ୍ୟାତ୍ମିକ ବିଜ୍ଞାନର ଶିକ୍ଷା ଓ ଅନୁଶୀଳନ କରିବାକୁ ହେବ। କିନ୍ତୁ ବିରୋଧୀ ଶକ୍ତି, ଅସତ୍ ସଙ୍ଗ, ଅଜ୍ଞ ପ୍ରଲୋଭନ ଯୋଗୁଁ ଭାରତୀୟମାନେ ଏହି ପ୍ରଧାନ କର୍ତ୍ତବ୍ୟରେ ଅବହେଳା କରିଛନ୍ତି। ସଂକ୍ରମଣ ଆସିଛି, ଏହା ଶରୀରରେ ସ୍ଥିର ହୋଇଯାଇଛି। ବର୍ତ୍ତମାନ ଏହାକୁ ବହିଷ୍କାର କରିବାକୁ ହେବ। ହିନ୍ଦୁ ଶବ୍ଦର ଅର୍ଥ ଯେଉଁମାନେ ହିଂସା ମାର୍ଗରୁ, ଅନ୍ୟମାନଙ୍କର କ୍ଷତି କରିବାରୁ ଦୂରରେ ରହନ୍ତି : ହିଂ (ହିଂସା), ଦୂ (ଦୂର)। ଭାରତରେ ଏତେ ମହାନ୍ ଭାବରେ ଆଦୃତ ଅଷ୍ଟାଦଶ ପୁରାଣର ସାରମର୍ମ ଶାସ୍ତ୍ରରେ କୁହାଯାଇଛି – 'ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍।' ଏହି ମାର୍ଗରେ ସ୍ଥିର ରହିଲେ ତୁମେ ସବୁ ଧର୍ମ ଓ ମତବାଦକୁ ଆତ୍ମୀୟସ୍ୱଜନ ଭାବରେ ସ୍ୱାଗତ କରିବ; ସବୁଧର୍ମ ମନୁଷ୍ୟକୁ ଏହି ମାର୍ଗରେ ପ୍ରଶିକ୍ଷିତ କରିବାକୁ ପ୍ରୟାସ କରନ୍ତି। ମୁସଲମାନ, ଖ୍ରୀଷ୍ଟିଆନ୍, ବୌଦ୍ଧ, ଇହୁଦୀ, ପାର୍ଶୀ, ସମସ୍ତେ ସତ୍‌କର୍ମ ଦ୍ୱାରା ଚିତ୍ତଶୁଦ୍ଧି ବଳରେ ସେହି ଜ୍ଞାନ ଲାଭ କରିବାକୁ ଆକାଂକ୍ଷା କରନ୍ତି। ଏସବୁର ବୀଜ ବେଦାନ୍ତର ସନାତନ ଧର୍ମରେ ଅଛି।

**ପୂର୍ବତନ ଆବାହକ, ଶ୍ରୀ ସତ୍ୟସାଇ ସେବା ସମିତି, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ : ୯୪୩୯୮୮୪୭୮୫**




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା। ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲାପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍‌ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

## ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୁବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଳୀ ଦେବସ୍ମିତା, ପୁର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଡିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ।

# ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି। ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି। ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ। ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ। ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି। ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି। ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି। ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା। ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପୁପୁ ମହପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ। ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ। ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା। ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି। ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ, ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ। ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ।

## ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ।

## ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

